### କେନାଲ ପରିଚାଳନାରେ ତ୍ରୁଟି

# କେନାଲ ଉଛୁଳି ଘରେ ପଶିଲା ପାଣି




**କଲମପୁର, ୨୦ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ମୁଖିଗୁଡା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉଦବୃତ୍ତ ଜଳ କେନାଲ ମାଧ୍ୟମରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି । ମୁଖ୍ୟ କେନାଲ ଠାରୁ ଜମି ପର୍ଯ୍ୟନ୍ତ ଶାଖା କେନାଲ ମାଧ୍ୟମରେ ଜଳ ଯୋଗାଣ ହେଉଥିବା ବେଳେ ବିଭାଗୀୟ ଅବହେଳାରୁ ଏହାର ସୁପରିଚାଳନା ହୋଇ ପାରୁନଥିବା ଅନେକ ସମୟରେ ଅଭିଯୋଗ ହେଉଛି । ଏଭଳି ଏକ ସଦ୍ୟ ଉଦାହରଣ କଲମପୁର ସଦରମହକୁମାରେ ଦେଖିବାକୁ ମିଳିଛି । ଚାଷ ଜମିକୁ ଜଳସେଚନ ଲାଗି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଣୀ ଧନ ଚିକିତ୍ସାଳୟ ମଝିରେ ଯାଇଛି ଶାଖା କେନାଲ । ଏହି ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ର ମଝିରେ ରହିଛି କଲେଜ ରାସ୍ତା, ସେହି ରାସ୍ତାରେ ପୋଲ ବଦଳରେ ହ୍ୟୁମ୍ ପାଇପ ବ୍ୟବହାର କରାଯାଇଛି । ଫଳରେ କେନାଲରେ ପ୍ରବାହିତ ଜଳ ଅନୁପାତରେ ହ୍ୟୁମ ପାଇପ ଛୋଟ ଥିବାରୁ ସେହିବାଟ ଦେଇ ସେତିକି ପରିମାଣର ଜଳ ପ୍ରବାହିତ ହୋଇ ପାରୁନାହିଁ । ଏପଟେ କେନାଲରେ ଜଳଧାରଣ କ୍ଷମତା ଠାରୁ ଅଧିକ ଜଳ ଛାଡିଦେବା ଫଳରେ ଶାଖା କେନାଲରୁ ଉଛୁଳି ପାଣି ଭେଟେନାରିପଡ଼ାର ଘରେ ଘରେ ପଶି ଯାଇଛି । ଏନେଇ ଭେଟେନାରି ପଡ଼ାବାସୀ ବାରମ୍ବାର କଲମପୁର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ମଧ୍ୟ ବିଫଳ ହୋଇ ମୁଖିଗୁଡା ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲେ । ହେଲେ କେହି ମଧ୍ୟ ଫୋନ ନ ଉଠାଇବାରୁ ପଡ଼ାବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଏହି ସମସ୍ୟାରେ ପ୍ରତି ବର୍ଷ ପଡ଼ାବାସୀ ଭୋଗ କରି ଆସୁଥିବା ବେଳେ ସମସ୍ୟା ଦେଖାଦେଲେ ଆସି ବିଭାଗୀୟ କର୍ମଚାରୀମାନେ ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ପରେ ଆଉ ଦେଖା ଦର୍ଶନ ଦିଅନ୍ତି ନାହିଁ ବୋଲି ମତପୋଷଣ କରିଛନ୍ତି । ତତ୍କାଳୀନ କଲମପୁର ବିଭାଗୀୟ ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାରାଣ୍ଡି, କଳାକାର ବାଗ ପ୍ରମୁଖ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ପାରିନାହିଁ । ଏଠାରେ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ସର୍ବଦା ଯନ୍ତ୍ରୀମାନଙ୍କ ଅନୁପସ୍ଥିତତା ଫଳରେ କୌଣସି ଅଘଟଣ ହେଲେ ତୁରନ୍ତ ତାହାର ସମାଧାନ କରାଯାଇ ପାରୁନାହିଁ ବୋଲି ପାଣି ପଞ୍ଚାୟତ ସଦସ୍ୟ ମାନେ ଅଭିଯୋଗ କରିଛନ୍ତି । ଖବର ଲେଖାହେବା ଯାଏଁ ଘଟଣାସ୍ଥଳରେ ବିଭାଗୀୟ କୌଣସି କର୍ମଚାରୀ ଉପସ୍ଥିତ ହୋଇ ପାରି ନ ଥିବା ବେଳେ ଶାଖା କେନାଲରୁ ଉଛୁଳି ଉଠିଥିବା ଜଳ ଅନବରତ ବୋହି ଚାଲିଛି ।

### ମଣ୍ଡିରେ ଧାନ ବିକି ଟଙ୍କା ପାଇଁ ଚାଷୀ ହଟହଟା

# ପାକ୍ସରେ ଅନିୟମିତତା ନେଇ ଚାଷୀ ଥାନାର ଦ୍ୱାରସ୍ଥ

**ସିନାପାଲି, ୨୦ ।୨(ସମିସ):** ଚଳିତ ବର୍ଷ ଜଣେ ଚାଷୀ ସିନାପାଲି ପାକ୍ସରେ ଧାନ ବିକି ଟଙ୍କା ପାଇଁ ହଇରାଣ ହୋଇଥିବା ବେଳେ ଚାଷୀ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ଅନୁସାରେ



ସିନାପାଲି ବ୍ଲକ ମହଗାଁଗ୍ରାମର ଚାଷୀ କ୍ଷେତ୍ରବାସୀ ସାସିନାପାଲି ପାକ୍ସରେ ଗତ ୭ ଫେବୃଆରୀରେ ୬୫ କୁଇଣ୍ଟାଲ ୯୩ କେଜି ଧାନ ବିକ୍ରୀ କରିଥିଲା । ହେଲେ ସେହି ଧାନ ବିକ୍ରୀ ଟଙ୍କା ଚାଷୀ କ୍ଷେତ୍ରବାସୀଙ୍କ ପାସବୁକ ଆକାଉଣ୍ଟରେ ନପଡ଼ି ଅନ୍ୟ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରେ ଟଙ୍କା ପଡ଼ିଛି । ଯାହାଫଳରେ ଉକ୍ତ ଚାଷୀ ଜଣକ ସିନାପାଲି ପାକ୍ସ ଓ ସିଙ୍ଗଝରର ଷ୍ଟେଟ ବ୍ୟାଙ୍କ ଯାଇ ନିଜ ଟଙ୍କା ପାଇବାକୁ ବୁଝାସୁଝା କରି ଦିନକଟୁ ଥିବାବେଳେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବା ଅଭିଯୋଗ କରିଛନ୍ତି । ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ସିଙ୍ଗଝରର ଷ୍ଟେଟ ବ୍ୟାଙ୍କରେ ରହିଥିବା ବେଳେ ଉକ୍ତ ବ୍ୟାଙ୍କ ଯାଇ ଚାଷୀ ବୁଝିବା ପରେ ମୋତିମାଳା ମାଝିଙ୍କ ଆକାଉଣ୍ଟରେ ସେହି ଟଙ୍କା ପଡ଼ିଥିବା ଜଣାପଡ଼ିଛି । ଶେଷରେ ଚାଷୀ ଜଣକ କୌଣସି ଉପାୟ ନପାଇ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସିନାପାଲି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ ଚାଷୀଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ସମସ୍ତ କାଗଜପତ୍ର ଠିକଠାକ ଥିବାବେଳେ କେଉଁ ଭୁଲ ପାଇଁ ଏଭଳି ହୋଇଛି । ଉଭୟ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ଭୁଲ ଅବହେଳା ପାଇଁ ଏମିତି ହୋଇଛି ନା ଅନ୍ୟ କାରଣ ପାଇଁ ବୋଲି ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥିବା ବେଳେ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ ବିଭାଗୀୟ ବ୍ଲକ ତଥା ଜିଲ୍ଲା ଅଧିକାରୀ ତୁରନ୍ତ ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି ।

### ଆମଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ ବନ୍ଦ କରୁଛନ୍ତି ଶିକ୍ଷକ

**କୋକସରା/ଧର୍ମଗଡ଼, ୨୦ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ବିଭାଗ ଅଧିନରେ ଥିବା ଆମଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ମନଇଚ୍ଛା ସ୍କୁଲ ବନ୍ଦ କରୁଛନ୍ତି । ଯାହାକୁ ନେଇ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।ପ୍ରକାଶ ଯେ' ଉକ୍ତ ବିଦ୍ୟାଳୟଟି ଶୁକ୍ରବାର ଦିନ ପ୍ରାୟ ୩.୩୦ରେ ସ୍କୁଲ ବନ୍ଦ କରି ଶିକ୍ଷକମାନେ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା । ତେବେ ପୂର୍ବରୁ



ମଧ୍ୟ ଏହି ବିଦ୍ୟାଳୟର ଶିକ୍ଷକମାନେ ମନଇଚ୍ଛା ସ୍କୁଲ ଆସୁଥିବା ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ ବନ୍ଦ କରି ଚାଲି ଯାଉଥିବା ବହୁ ଅଭିଯୋଗ ହୋଇଆସୁଛି । ତେବେ ୪ଟା ପରେ ସ୍କୁଲ ବନ୍ଦ ହେବାର ନିୟମ ରହିଥିବା ବେଳେ କାହିଁକି ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲ ବନ୍ଦ କରାଯାଇଛି । ଏନେଇ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଜଣେ ଶିକ୍ଷକଙ୍କୁ ପଚାରିବାରୁ ବାହାଘର ରହିଥିବାରୁ ଆଜି ଶୀଘ୍ର ବନ୍ଦ କରିଥିବା କରିଥିଲେ । ପିଲାଙ୍କୁ ପଚାରି ପାରନ୍ତୁ ପ୍ରତିଦିନ ସ୍କୁଲ ନିର୍ଦ୍ଧାରିତ ସମୟରେ ହିଁ ବନ୍ଦ କରାଯାଉଛି ବୋଲି ଅତି ହାଲୁକା ଭାବରେ ଉତ୍ତର ଦେଇ ସେଠାରୁ ଚାଲି ଯାଇଥିଲେ । ତେବେ କିଭଳି ଭାବେ ଉକ୍ତ ବିଦ୍ୟାଳୟର ଶିକ୍ଷକମାନେ ସମସ୍ତ ନିତି ନିୟମ କୁ ଭାଙ୍ଗି ମନଇଚ୍ଛା ସ୍କୁଲ ବନ୍ଦ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କାର୍ଯ୍ୟରେ ଅବହେଳା କରୁଥିବା ଉକ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକ ଓ ସାଧାରଣରେ ଲୋକେ ଦାବି କରିଛନ୍ତି । ଏ ବିଷୟରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରିଯାଇଥିଲେ ମଧ୍ୟ ଫୋନ୍ ରିସିଭ୍ କରି ନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ସେହିପରି ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ହେମନ୍ତ ପଣ୍ଡାଙ୍କୁ ପଚାରିବାରୁ ଉକ୍ତ ଘଟଣା ଉପରେ ଆମେ ତଦନ୍ତ କରିବୁ ଏବଂ କାରଣ ଦର୍ଶାଅ ନୋଟିସ୍ ଜାରି କରିବୁ ବୋଲି କହିଛନ୍ତି ।

# ଡ୍ରେନରୁ ମିଳିଲା ଦୁଇ ଭ୍ରୁଣ

**କେସିଙ୍ଗା, ୨୦ ।୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ୱାର୍ଡ ନଂ ୩ ତେତେଲଗଛପଡ଼ା ଡ୍ରେନରୁ ଦୁଇଟି କନ୍ୟା ଭ୍ରୁଣ ମିଳିଛି ।ମିଳିଥିବା ସୂଚନା ଅନୁଯାୟୀ କେସିଙ୍ଗା ସହରରେ ପ୍ରାୟ ପ୍ରତ୍ୟେକ ଦିନ ଏନ୍ଏସି ପକ୍ଷରୁ ଭିନ୍ନ ଭିନ୍ନ ୱାର୍ଡକୁ ଯାଇ ସଫେଇ କର୍ମଚାରୀମାନେ ଡ୍ରେନ ସଫା କରିଥାନ୍ତି । ସେହିକ୍ରମରେ ଶୁକ୍ରବାର ଦିନ ସ୍ଥାନୀୟ ୩ ନଂ ୱାର୍ଡକୁ ଡ୍ରେନ ସଫା କରିବା ପାଇଁ କର୍ମଚାରୀମାନେ ଯାଇ ତେତେଲଗଛପଡ଼ା ଡ୍ରେନ ସଫା କରିବା ସମୟରେ ଦୁଇଟି ଅବିକଶିତ କନ୍ୟା ଭ୍ରୁଣ ଡ୍ରେନରେ ପଡ଼ିଥିବା ଦେଖି ଅଧିକାରୀଙ୍କୁ ଖବର ଦେଇଥିଲେ ।ପରେ ୱାର୍ଡର କାଉନସିଲର ରୋହିତ ଜୈନ ପୁଲିସ ଷ୍ଟେସନକୁ ଖବର ଦେବା ପରେ ପୁଲିସ ଆସି ତଦନ୍ତ କରୁଥିବା ଜଣା ପଡ଼ିଛି ।ଦିନକୁ ଦିନ ଲିଙ୍ଗ ଅନୁପାତ କମି କମି ଯାଉଥିବା ବେଳେ କନ୍ୟାଭ୍ରୁଣ ହତ୍ୟା କିଏ ବା କାହିଁକି କରୁଛି ଜାଣି ହେଉନାହିଁ ।ଉକ୍ତ ଦୁଇ ଭ୍ରୁଣ ହତ୍ୟା କାହାର ପାପ କାମକୁ ଲୁଚାଇବା ର ପରିଣାମ ନା କନ୍ୟା ଭ୍ରୁଣ ବୋଲି କେହି ଜାଣି ଶୁଣି ଏମିତି କାଣ୍ଡ କରିଛି ତଦନ୍ତ ସାପେକ୍ଷ ।

# 'ବିକାଶ ଲକ୍ଷ୍ୟ-୨୦୩୦' ଉପରେ ତାଲିମ



**ନୂଆପଡ଼ା, ୨୦ ।୨(ସମିସ):** ନୂଆପଡ଼ାରେ'ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦' ଉପରେ ଜିଲ୍ଲାସ୍ତରୀୟ ତାଲିମ ଶିବିର ତଥା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭା ଗୃହରେ ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ସେଠୀ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଯୋଜନା ଉପ ନିର୍ଦ୍ଦେଶକ ଦିଲେଶ୍ୱର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସିଡିଓ ଶ୍ରୀ ଧରୁଆ ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକ କଣ ଓ ସେଗୁଡ଼ିକୁ କିପରି ହାସଲ କରାଯାଇପାରିବ ଆଲୋଚନା କରିଥିଲେ ।ପରେ ଝାରସୁଗୁଡ଼ା ଡିପିଏମୟୁ ଆସିଷ୍ଟାଣ୍ଟ ଡାଇରେକ୍ଟର ସଞ୍ଜୟ କୁମାର ଦୀପ, କଳାହାଣ୍ଡି ଉପନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ଦଳାଇ, କୁମୁଦିନୀ ମିଶ୍ର ନିରନ୍ତର ବିକାଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅତିଥି ଓ ବକ୍ତାମାନେ କହିଥିଲେ ଯେ ୨୦୧୫ ମସିହାରେ ଜାତିସଂଘ ପକ୍ଷରୁ ଘୋଷିତ ୧୭ଟି ସ୍ଥାୟୀ ଉନ୍ନୟନ ଲକ୍ଷ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ଦାରିଦ୍ର୍ୟ ନିବାରଣ, ଗୁଣାତ୍ମକ ଶିକ୍ଷା, ଲିଙ୍ଗ ସମାନତା, ସ୍ୱଚ୍ଛପାଣି, ସ୍ୱାସ୍ଥ୍ୟ ସୁବିଧା, ପରିବେଶ ସୁରକ୍ଷା ଓ ସମାବେଶୀ ଆର୍ଥିକ ଉନ୍ନତି ସୁନିଶ୍ଚିତ କରିବା ।ନିରନ୍ତର ଉନ୍ନୟନ କେବଳ ସରକାରୀ ପଦକ୍ଷେପରେ ସୀମିତ ନୁହେଁ; ପ୍ରତ୍ୟେକ ନାଗରିକଙ୍କ ସଚେତନ ଭୂମିକା ଏହାର ମୂଳ ଆଧାର । ପାଣି ଓ ବିଦ୍ୟୁତ୍ ସଞ୍ଚୟ, ପ୍ଲାଷ୍ଟିକ ବ୍ୟବହାର କମାଇବା, ପରିବେଶ ସୁରକ୍ଷା ଓ ଶିକ୍ଷାର ପ୍ରଚାର ମାଧ୍ୟମରେ ସମସ୍ତେ ଲକ୍ଷ୍ୟ ପ୍ରାପ୍ତିରେ ସହଭାଗୀ ହୋଇପାରିବା ।ଶେଷରେ ସମସ୍ତଙ୍କୁ ଏକ ସମୃଦ୍ଧ ଭାରତ ଗଠନ ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ କରାଯାଇଥିଲା ।

### ବ୍ୟାଙ୍କରୁ ଟଙ୍କା ରିଲିଜ୍ ନହେବାରୁ ବଣ୍ଟନରେ ବିଳମ୍ବ

# ଭତ୍ତା ନପାଇ ହିତାଧିକାରୀ ହନ୍ତସନ୍ତ

**କୋକସରା, ୨୦ ।୨(ସମିସ):** ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ବାର୍ଦ୍ଧକ୍ୟ, ବିଧବା ତଥା ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଭତ୍ତା (ପେନସନ) ଟଙ୍କା ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ହେଲେ ଚଳିତ ମାସରେ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଆଜି ପର୍ଯ୍ୟନ୍ତ ଭତ୍ତା ଟଙ୍କା ବଣ୍ଟନ କରାଯାଇ ନଥିବାରୁ ହିତାଧିକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକର ୨୨ଟି ପଞ୍ଚାୟତରୁ ବାର୍ଦ୍ଧକ୍ୟ ଭତ୍ତା ୬ ହଜାର ୭୬ ଜଣ ହିତାଧିକାରୀ ପାଉଥିବା ବେଳେ ବିଧବା ଭତ୍ତା ୩ ହଜାର ୩୯୨, ଭିନ୍ନକ୍ଷମ ୧୬ଶହ ୮୦, ଅବିବାହିତ ୮୨, ଡିଭୋର୍ସ ୪୪ ଓ ଟ୍ରାନ୍ସଜେଣ୍ଡର ୨ ଜଣଙ୍କୁ ମିଶାଇ ମୋଟ ୧୧ ହଜାର ୨୭୨ ଜଣ ହିତାଧିକାରୀ ଭତ୍ତା ପାଉଥିବା ଜଣାପଡ଼ିଛି । ତେବେ ଚଳିତ ମାସରେ ନିର୍ଦ୍ଧାରିତ ସମୟର ୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଭତ୍ତା ଟଙ୍କା ପ୍ରଦାନ କରାଯାଇନାହିଁ ।ବ୍ଲକର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ସମେତ ପ୍ରାୟ ୧୦ଟି ପଞ୍ଚାୟତର ହିତାଧିକାରୀଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ଟଙ୍କା ପ୍ରଦାନ କରି ନଥିବା ଅଭିଯୋଗ ହୋଇଛି । ବରିଷ୍ଠ ନାଗରିକ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ମାସିକ ମିଳୁଥିବା ଭତ୍ତା ଟଙ୍କାରେ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ, ଔଷଧ କିଣା କିଣି କରିବା ସହିତ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି । ହେଲେ ଭତ୍ତା ଟଙ୍କା ଠିକ୍ ସମୟରେ ମିଳିପାରୁ ନଥିବାରୁ ହିତାଧିକାରୀମାନେ ଦହଗଞ୍ଜ ହେଉଛନ୍ତି । ଏ ବିଷୟରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ଆମେ ୧୩ ତାରିଖରୁ ଚେକ୍ ଦେଇ ସାରିଛୁ, ବ୍ୟାଙ୍କରେ ଆବଶ୍ୟକୀୟ ପରିମାଣର ଟଙ୍କା ଉପଲବ୍ଧ ନଥିବା ହେତୁ ଭତ୍ତା ଟଙ୍କା ଦେବାରେ ବିଳମ୍ବ ହେଉଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୨ଟି ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇ ସାରିଛି । ବାକି ରହିଥିବା ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କୁ ଶନିବାର ସୁଦ୍ଧା ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଗୋଷ୍ଠୀ ନର୍ସରୀ ସ୍ଥାପନ ପାଇଁ କର୍ମଶାଳା

**ଭବାନୀପାଟଣା, ୨୦ ।୨(ସମିସ):** କଳାହାଣ୍ଡି ଗ୍ରାମସଭା ମହାସଂଘ ତରଫରୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଏହାର ସଂଶୋଧିତ ନୀୟମାବଳି ୨୦୧୨ ପ୍ରାବଧାନ ଅନୁସାରେ ଗଠିତ ଜିଲ୍ଲାସ୍ତରୀୟ ସଂଗଠନ ' କଳାହାଣ୍ଡି ଗ୍ରାମସଭା ମହାସଂଘ'ତରଫରୁ ଭବାନୀପାଟଣା ସ୍ଥିତ କୃଷି ମହାବିଦ୍ୟାଳୟର ଆଞ୍ଚଳିକ ଗବେଷଣା ଏବଂ ପ୍ରଯୁକ୍ତି ବିଦ୍ୟା ସ୍ଥାନାନ୍ତର କେନ୍ଦ୍ରର ସଭା ଗୃହରେ ଗୋଷ୍ଠି ଜଙ୍ଗଲ ଅଞ୍ଚଳରେ ବୃକ୍ଷରୋପଣ ପାଇଁ ଗୋଷ୍ଠି ନର୍ସରି ସ୍ଥାପନ ପାଇଁ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ଅଶ୍ୱିନୀ କୁମାର ବୈଦ୍ୟ ସଂଘ କଳାହାଣ୍ଡିର ସଭାପତି ଯତୀନ୍ଦ୍ର କୁମାର କର, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପଟାୟତ କୁମାର ସାହୁ, କୃଷି ଜିଲ୍ଲା ଅଧିକାରୀ ଶ୍ରୀ ଅଜିତ କୁମାର ମହାପାତ୍ର, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଅଜୟ କୁମାର ପ୍ରଧାନ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରି ଗୋଷ୍ଠି ନର୍ସରି ସ୍ଥାପନ, ପରିଚାଳନା ଓ ଚାରା ଉତ୍ପାଦନ ଓ ଯତ୍ନ ବିଷୟରେ ମାର୍ଗଦର୍ଶନ କରିଥିଲେ । ଗ୍ରାମସଭାର ଗୋଷ୍ଠି ଜଙ୍ଗଲ ଅଞ୍ଚଳରେ ବିଲୁପ୍ତ ପ୍ରାୟ ଔଷଧୀୟ ଗଛ ଗୁଡିକର ତାଲିକା ପ୍ରସ୍ତୁତ କରଯାଇଥିଲା । କିଛି ଗଛ ଗୁଡିକର ସଂଖ୍ୟା କମି ଯାଉଛି ଏବଂ କିଛି ଗଛ ଗୁଡିକ ବିଲୁପ୍ତ ଅବସ୍ଥାରେ ରହିଛି । ସେହି ଗଛ ଗୁଡିକ ହେଲା ସାଲ, ପଣସ, ହରିଡା, ଅର୍ଜୁନ, ଚାହାର, ତିହୁଡି, ଜାମୁ କୋଳି, ଅଶୋକା, ତେନ୍ତୁଳୀ, ଜଙ୍ଗଲି ଶିଶୋ, ବିଡଙ୍ଗ, କମଳା ଗୁଣ୍ଡି, ଭୁଇ ନିମ୍ବ, ଭୁଇ କରୁଆଁ, ଗରୁଡ, ବଉଳ, କୃଷ୍ଣ



ପରଣି, ଫଣଫଣା, ପାଡେଲ, ପିତମଲ, କରଞ୍ଜ, ବାଉଁଶ, କୋଚିଲା, ଆଁଳା, ଲେଞ୍ଜା, ନାଗ ବେଲ, ଗଙ୍ଗ ଶିଉଳି ଏବଂ ଜୀବନ ଜୀବିକା ସୃଷ୍ଟିକାରୀ ଗଛ ( ପତ୍ର, ଫଳ ଓ ଫୁଲ ମିଳୁଥିବା ଗଛ) ଚାରା ଇତ୍ୟାଦି । ଏହି ଗଛ ଗୁଡିକୁ ଚିହ୍ନଟ କରି ସଂରକ୍ଷଣ ଓ ସୁରକ୍ଷା କରିବା ପାଇଁ ଗ୍ରାମସଭାରେ ଆଲୋଚନା କରି ଠେଙ୍ଗା ପାଳି କରି ସୁରକ୍ଷା ଏବଂ ଗୋଷ୍ଠି ନର୍ସରି ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଉ ବୋଲି ଆଲୋଚନା କରଯାଇଥିଲା । ଗୋଷ୍ଠି ଜଙ୍ଗଲ ଅଞ୍ଚଳର ଖାଲି ସ୍ଥାନରେ ପତ୍ର, ଫଳ ଓ ଫୁଲ ମିଳୁଥିବା ଗଛ ରୋପଣ ପାଇଁ ନିମ୍ନ ପ୍ରକାରେ ନର୍ସରି ସ୍ଥାପନ କରିବା ପାଇଁ ନିମନ୍ତ୍ରିତ ଅତିଥିମାନେ ମତାମତ ପ୍ରଦାନ କରିଥିଲେ ।କର୍ମଶାଳାରେ ଭବାନୀପାଟଣା, ଜୁନାଗଡ଼, କୋକସରା, ଜୟପାଟଣା, ଲାଞ୍ଜିଗଡ଼ ଓ ମଦନପୁର ରାମପୁର ବ୍ଲକ ଗ୍ରାମସଭା ମହାସଂଘର କର୍ମକର୍ତ୍ତା, ଗ୍ରାମସଭାର କର୍ମକର୍ତ୍ତା ଏବଂ କଳାହାଣ୍ଡି ଗ୍ରାମସଭା ମହାସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଜିଲ୍ଲା ସମ୍ପାଦକ ଅଶୋକ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରି ଥିବା ବେଳେ ଜିଲ୍ଲା କୋଷାଧକ୍ଷ ଓ କନକ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍ଲାମୁଣ୍ଡା ବ୍ଲକରେ ୧୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**କର୍ଲାମୁଣ୍ଡା, ୨୦ ।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ମାଟ୍ରିକ ପରୀକ୍ଷା ପାଇଁ ଏଥର ୫ଟି ପରୀକ୍ଷାକେନ୍ଦ୍ର କରାଯାଇଛି । ପୂର୍ବରୁ ଏହି ବ୍ଲକରେ ୭ଟି ପରୀକ୍ଷାକେନ୍ଦ୍ର ହେଉଥିଲା । କିନ୍ତୁ ଗତବର୍ଷ କିଛି ପରୀକ୍ଷା ପରିଚାଳନାରେ ଗରୁତର ବିଭ୍ରାଟ ହେତୁ କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନଭୋଇ ପଞ୍ଚାୟତ ସମିତି ହାଇସ୍କୁଲ ପରୀକ୍ଷାକେନ୍ଦ୍ର ଓ ଭଟାପଲା ହାଇସ୍କୁଲ ପରୀକ୍ଷାକେନ୍ଦ୍ରକୁ ଶିକ୍ଷା ବିଭାଗ ଚଳିବର୍ଷ ବନ୍ଦ କରିଦେଇଛି । ବ୍ଲକର ରିଷିଡାସ୍ଥିତ ପିଏମ୍ଶ୍ରୀ ବାପୁଜୀ ସରକାରୀଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି । ଏଠାରେ କଡାସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି । ବାପୁଜୀ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ୧୮୭ଜଣଙ୍କ ମଧ୍ୟରୁ ୭ଅନୁପସ୍ଥିତ, ବାଳିକା ହାଇସ୍କୁଲ ରିଷିଡା ପରୀକ୍ଷାକେନ୍ଦ୍ରରେ ୧୫୮ରୁ ୧ ଅନୁପସ୍ଥିତ ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠଯୋରାଡବରା ଠାରେ ୧୫୫ଜଣ, ପୁରୁଷୋତ୍ତମ ହାଇସ୍କୁଲ ଗଜବାହାଲ ଠାରେ ୧୧୨ରୁ ୧ ଅନୁପସ୍ଥିତ ଓ ତେରେସିଂହା ନୋଡାଲ ହାଇସ୍କୁଲ ଠାରେ ୧୫୬ ଜଣରୁ ୧ ଛାତ୍ରଛାତ୍ରୀ ପରୀକ୍ଷା ନଦେଇ ଅନୁପସ୍ଥିତ ଥିବା ନୋଡାଲ ଅଧିକ୍ଷକ ତଥା ବାପୁଜୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା ସୂଚନା ଦେଇଛନ୍ତି ।

# ଆଧୁନିକ କଳାହାଣ୍ଡିର ନିର୍ମାତା ଥିଲେ ବ୍ରଜମୋହନ ଦେଓ

**ଭବାନୀପାଟଣା, ୨୦ ।୨(ସମିସ):** ବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ ଯେତେବେଳେ ବିଭିନ୍ନ ଗଡ଼ଜାତ ରାଜ୍ୟ ତଥା ଓଡ଼ିଶାର ପ୍ରମୁଖ ସହରାଞ୍ଚଳ ଗୁଡିକରେ ରାସ୍ତା ଏବଂ ଗୃହକୁ ବିଦ୍ୟୁତିକରଣ, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ, ଟେଲିଫୋନ ଓ ଟେଲିଗ୍ରାଫ ବ୍ୟବସ୍ଥା ଉପଲବ୍ଧ



ନଥିଲା ସେହି ସମୟରେ କଳାହାଣ୍ଡି ଗଡ଼ଜାତର ୩୦ ତମ ନାଗବଂଶି ମହାରାଜା ବ୍ରଜ ମୋହନ ଦେଓ ତାଙ୍କ ରାଜଧାନୀ ସହର ଭବାନୀପାଟଣାରେ ଏହି ସବୁ ବ୍ୟବସ୍ଥା ସହ ଉନ୍ନତ ପରିମଳ ବ୍ୟବସ୍ଥା କରାଇଥିଲେ । ରାସ୍ତା ଯୋଗାଯୋଗ ଓ ତୃଣମୂଳସ୍ତରରେ ଶିକ୍ଷାର ପ୍ରସାର ପାଇଁ ଅଗ୍ରଣୀ ଭୂମିକା ନେଇଥିଲେ । ସେ ପ୍ରଶାସନିକ ସଂସ୍କାର ଆଣି ପୁଲିସ ବିଭାଗକୁ ଆଧୁନିକିକରଣ ଓ ଆଧୁନିକ ପଦ୍ଧତିରେ ଜମି ବନ୍ଦୋବସ୍ତ କରାଇଥିଲେ । ତାଙ୍କ ଦ୍ୱାରା ଭବାନୀପାଟଣାରେ ପ୍ରଥମ ଉଚ୍ଚ ବିଦ୍ୟାଳୟ ସ୍ଥାପନ ସହ ନାରୀ ଶିକ୍ଷା ପାଇଁ ଓ ଅନୁନ୍ନତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ । ବ୍ରଜମୋହନ ଦେଓ କଳାହାଣ୍ଡିର ୩୦ ତମ ନାଗବଂଶୀ ମହାରାଜା ଥିଲେ ଓ ଆଧୁନିକ କଳାହାଣ୍ଡିର ରୂପକାର ଥିଲେ ବୋଲି ବ୍ରଜ ମୋହନ ସାହିତ୍ୟ ସମିତିର ପୁନରୁଦ୍ଧାର କାର୍ଯ୍ୟକ୍ରମ ଲାଗି ଆୟୋଜିତ ' ଆଧୁନିକ କଳାହାଣ୍ଡି ର ନିର୍ମାତା ବ୍ରଜମୋହନ ଦେଓ' ଶୀର୍ଷକ ବକ୍ତୃତାମାଳାରେ ଆଲୋଚକ ଉମା ଶଙ୍କର କର ବକ୍ତବ୍ୟ ରଖିଥିଲେ । ଭବାନୀପାଟଣା ରାଜବାଟି ସଭା ମଣ୍ଡପରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜମାତା ଶ୍ରୀମତୀ ପଦ୍ମମଞ୍ଜରୀ ଦେଓ ମୁଖ୍ୟ ଅତିଥି ଓ ମହାରାଣୀ ଶ୍ରୀମତୀ ରିତୁଜା କୁମାରୀ ଦେବୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଷୟ ଉପରେ ଆଲୋଚକ ଉମା ଶଙ୍କର କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଡ଼ ଦାଶରଥି ଆଚାର୍ଯ୍ୟ ବ୍ରଜ ମୋହନ ସାହିତ୍ୟ ସମିତିର ପ୍ରତିଷ୍ଠା ଓ କାର୍ଯ୍ୟାବଳି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମହାରାଜା ଅନନ୍ତ ପ୍ରତାପ ଦେଓ ସ୍ୱାଗତ ଭାଷଣ ଦେବା ସହ ବ୍ରଜ ମୋହନ ସାହିତ୍ୟ ସମିତି ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବ । ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ରାଜ୍ୟ, ଦେଶ ତଥା ବିଦେଶରୁ ବିଜ୍ଞ ଆଲୋଚକମାନଙ୍କୁ ବ୍ରଜ ମୋହନ ସାହିତ୍ୟ ସମିତି ବକ୍ତୃତାମାଳାକୁ ଆମନ୍ତ୍ରଣ କରାଯିବ ବୋଲି କହିଥିଲେ ।ଏହି ଅବସରରେ ପଦ୍ମଶ୍ରୀ ପଟାଏତ କୁମାର ସାହୁଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା ।ଷ୍ଟେପିଂ ଷ୍ଟୋନ୍ ଇଂଲିଶ ମିଡିଅମ୍ ସ୍କୁଲର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଆକାଶବାଣୀ ଉଦଘୋଷକ ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ନିଆଁ ଲାଗି ପଦା ହେଉଛି ଜଙ୍ଗଲ

# ନିଶ୍ଚିହ୍ନ ହେବ କେଳିଆ ସଂରକ୍ଷିତ ଜଙ୍ଗଲ

**ଜୁନାଗଡ଼, ୨୦ ।୨(ସମିସ)**

ପରିବେଶକୁ ସନ୍ତୁଳନ ତଥା ପ୍ରଦୂଷଣରୁ ରକ୍ଷା କରିବା ପାଇଁ ସରକାର ଗ୍ରାମାଞ୍ଚଳର ଜଙ୍ଗଲଗୁଡିକର ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ କର୍ମଚାରୀଙ୍କ

### ଫୋନ୍ ଉଠାଉ ନାହାନ୍ତି ଏସିଏଫ୍, ରେଞ୍ଜର

ଆନ୍ତରିକତାର ଅଭାବ ଯୋଗୁଁ ଯୋଜନା ବିଫଳ ହୋଇ ଜଙ୍ଗଲଗୁଡିକ ଦିନକୁ ଦିନ ପଦା ହେବାରେ ଲାଗିଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡର ଧର୍ମଗଡ଼ ରେଞ୍ଜ ଅନ୍ତର୍ଗତ କେଳିଆ ସଂରକ୍ଷିତ ଜଙ୍ଗଲରେ । ବନବିଭାଗର ଆନ୍ତରିକତାର ଅଭାବ ଯୋଗୁଁ ଏହି ଜଙ୍ଗଲ ପଦା ହେବାକୁ ବସିଛି । କେଳିଆ ସଂରକ୍ଷିତ ଜଙ୍ଗଲ ପ୍ରାୟ ୭୪୦ ହେକ୍ଟର ରହିଥିବା ବେଳେ ଏହା ଜୁନାଗଡ଼ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତର କେଳିଆ, ମୁଣ୍ଡିଗୁଡା ଓ ଆଟିଗାଁ ପଞ୍ଚାୟତ ଆଟିଗାଁ, ବାଗଡୁଙ୍ଗରୀ ଓ କାନ୍ଦୁଲଗୁଡା ମଧ୍ୟରେ ରହିଛି । ଦିନେ ସବୁଜମୟ ଥିବା ଏହି ଜଙ୍ଗଲରେ ଶାଗୁଆନ ଭଳି ଅନେକ ପ୍ରକାର ମୂଲ୍ୟବାନ ଗଛ ରହିଥିଲା । କାଳକ୍ରମେ କାଠ ମାଫିଆମାନେ ରାତିରେ ମୂଲ୍ୟବାନ ଗଛଗୁଡିକ କାଟି ନେଇଥିବା ବେଳେ ସ୍ଥାନୀୟ ଲୋକେ ମଧ୍ୟ ଘର କରିବା



ପାଇଁ ବିଭିନ୍ନ ପ୍ରକାର ଗଛ କାଟି ନେଇଥିଲେ । ସେହିପରି ଜଙ୍ଗଲରେ ନିଆଁ ଲାଗି ଯାଇ ଗଛ ଗୁଡିକ ମରିଯାଉଥିବା ଦେଖିବାକୁ ମିଳିଛି । ଗତ ୯ ତାରିଖ ଜଙ୍ଗଲରେ ଲାଗୁଥିବା ନିଆଁକୁ ରୋକିବା ପାଇଁ ଦକ୍ଷିଣ ବନଖଣ୍ଡ ପକ୍ଷରୁ ମାଷ୍ଟର ପ୍ଲାନ କରାଯାଇଛି ବୋଲି ଭବାନୀପାଟଣାରେ ସମ୍ବାଦିକ ସମ୍ମିଳନୀରେ ଏସିଏଫ୍ ଓମକାର ଦାଶ ପ୍ରକାଶ କରିଥିବା ବେଳେ ବାସ୍ତବରେ ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ଏହି ଜଙ୍ଗଲରୁ ଜଣାପଡୁଛି । ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ଜଙ୍ଗଲର ଆୟତନ ପୂର୍ବପେକ୍ଷା କମିଯିବା ସହ ପ୍ରାୟ ବଡ ଗଛଗୁଡିକ ନ ଥିବାରୁ ଏବେ ପଦା ଭଳି ଦେଖାଯାଉଛି । ଏପରିସ୍ଥଳେ ବନବିଭାଗ ପକ୍ଷରୁ ଏହି ଜଙ୍ଗଲକୁ ସବୁଜମୟ କରିବା ପାଇଁ ଗତ ୧୦ ବର୍ଷରେ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଫଳଶୂନ୍ ଭଳି ମନେ ହୁଏ। ଯାହାକି ଜଙ୍ଗଲର ରୂପରେଖକୁ ଦେଖିଲେ ଜଣାପଡେ । ଏ ନେଇ ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କହଁରଙ୍କ ମୋବାଇଲ ନମ୍ବର ୯୭୭୭୦୨୪୮୨୨ଙ୍କୁ ଓ ଏସିଏଫ୍ ଓମକାର ଦାଶଙ୍କ ମୋବାଇଲ ନଂ ୭୨୦୫୨୨୭୫୦୨ଙ୍କୁ ବାରମ୍ବାର ଯୋଗାଯୋଗ କରିଥଲେ ମଧ୍ୟ ଫୋନ ଉଠାଇ ନ ଥିଲେ । ଏହି ୨ ଅଧିକାରୀ ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ ଉଠାଉ ନାହାନ୍ତି ତାହାହେଲେ ସାଧାରଣ ଜନତାଙ୍କୁ କିଏ ପଚାରେ । ଘଟଣାପ୍ରତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହୋଇଛି ।

# କିଶୋର ମଚ୍ଛଖଣ୍ଡ କଣ୍ଟାବାଞ୍ଜି ବିଜେଡି ନଗର ସଭାପତି

**କଣ୍ଟାବାଞ୍ଜି, ୨୦।୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପଦାଧିକାରୀ ଘୋଷଣା କରାଯାଇଛି। ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜୁ ଜନତା ଦଳ ସଭାପତି ଭାବେ ଦକ୍ଷ ଯୁବନେତା କିଶୋର ମଚ୍ଛଖଣ୍ଡଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମଚ୍ଛଖଣ୍ଡ



ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଦୀର୍ଘ ଦିନ ବର୍ଷ ଧରି ସେ ବିଜୁ ଜନତା ଦଳରେ ସକ୍ରିୟ ରହିଛନ୍ତି। ପୂର୍ବରୁ ସେ ଦୁଇ ଥର ବିଜୁ ଯୁବ ଜନତା ଦଳର କଣ୍ଟାବାଞ୍ଜି ନଗର ସଭାପତି ଦାୟିତ୍ୱ ତୁଲାଇଥିଲେ। ୨୦୧୩ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ଉପ ନଗରପାଳ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ସମୟରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି; ଏହାଫଳରେ ସେ ଲୋକଙ୍କ ସେ ପ୍ରିୟପାତ୍ର ହୋଇପାରିଥିଲେ। ତେବେ ତାଙ୍କୁ ନଗର ସଭାପତି ଭାବେ ଘୋଷଣା କରିବା ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ (ସଂଖ୍ୟା ଲଘୁ) ହାଜି ମହମ୍ମଦ ଆୟୁବ ଖାନ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ସରୋଜ ମେହେରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦରେ ଦଳର ସଂଗଠନ ତୃଣମୂଳ ସ୍ତରରେ ସୁଦୃଢ଼ ହେବ। ସେ ଦିଗରେ ସେ କାମ କରିବେ ବୋଲି ପ୍ରକାଶ କରିଛନ୍ତି।

# ଭୋକ ଆଗରେ ଭବିଷ୍ୟତ ତୁଚ୍ଛ

## ମାଟ୍ରିକ୍ ପରୀକ୍ଷା ଦେଲେନି ବହୁ ଛାତ୍ରଛାତ୍ରୀ

## ତଥ୍ୟ ଲୁଚାଇବାକୁ ଶିକ୍ଷା ବିଭାଗର ଉଦ୍ୟମ

## ବେଲପଡ଼ା ବ୍ଲକରେ ସର୍ବାଧିକ ୯୯ ଅନୁପସ୍ଥିତ

## ତୁରେକେଲା, ଖପ୍ରାଖୋଲ, ମୁରିବାହାଲରେ ବି ସମାନ ଚିତ୍ର

**ବଲାଙ୍ଗିର, ୨୦।୨(ସମିସ)**

ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ଦାଦନ ଗଡ଼ର ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଅଟକାଇ ପାରିଲାନି। ପେଟ ଆଗରେ ଶିକ୍ଷା ସେମାନଙ୍କ ପାଇଁ ତୁଚ୍ଛ ହୋଇଛି। ଚଳିତ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରୁ ହିଁ ଏହା ସ୍ପଷ୍ଟ ହୋଇଛି। ଶିକ୍ଷା ବିଭାଗ ଯେତେ ଲୁଚାଇଲେ ବି ଲୁଚାଇ ପାରିଲାନି ଅସଲ ଚିତ୍ର। ଦାଦନ ପ୍ରବଣ ବ୍ଲକ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ସତ୍ତ୍ୱେ ପରୀକ୍ଷା ଦେଇ ନାହାନ୍ତି। ତେବେ ଏହା କେବଳ ଚଳିତ ବର୍ଷର ଘଟଣା ନୁହଁ; ପ୍ରାୟ ସବୁ ବର୍ଷ ଏହିଭଳି ବହୁ ସଂଖ୍ୟାରେ ଦାଦନ ପ୍ରବଣ ବ୍ଲକର ପରୀକ୍ଷାର୍ଥୀ ପରୀକ୍ଷା ଦେଉ ନାହାନ୍ତି। ଅନ୍ୟପକ୍ଷେ ସମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ରହିଛି; କିନ୍ତୁ ଫର୍ମ ପୂରଣ ସତ୍ତ୍ୱେ କାହିଁକି ପରୀକ୍ଷା ଦେବାକୁ ଆସିଲେ ନାହିଁ ତାହା ନିଶ୍ଚିତ ଭାବେ ତଦନ୍ତ ସାପେକ୍ଷ। ଫର୍ମ ପୂରଣ ସମୟରେ ସେମାନେ ଉପସ୍ଥିତ ଥିଲେ ନା ଶିକ୍ଷା ବିଭାଗ ନିଜ ଚେହେରା ଠିକ୍ କରିବା ପାଇଁ ଅନୁପସ୍ଥିତିରେ ବି ଫର୍ମ ପୂରଣ କରିଥିଲା ତାହା ସବୁଠାରୁ ବଡ ପ୍ରଶ୍ନ।

ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟା ଯୋଗୁଁ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉ ନ ଥିବା ଅଭିଯୋଗ ହୋଇଥାଏ। ପେଟ ପାଇଁ ଛାତ୍ରଛାତ୍ରୀ ବସ୍ତାନୀ ଛାଡି ପରିବାର ସହ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥାନ୍ତି। ତେବେ ସେହିଭଳି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ପାଠ ଜାରି ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ; କିନ୍ତୁ ଆଜି ଯାଏଁ ଏହାକୁ ରୋକିବାରେ ବିଫଳ ହୋଇଛି ଶିକ୍ଷା ବିଭାଗ। ଚଳିତ ବର୍ଷ ମଧ୍ୟ ସମାନ ଚିତ୍ର ସାମ୍ନାକୁ ଆସିଛି। ଅବଶ୍ୟ ଶିକ୍ଷା ବିଭାଗ ଯେଉଁ ଚିତ୍ରକୁ ଲୁଚାଇବାକୁ ଚେଷ୍ଟା କରିଥିଲା ତାହାକୁ ଲୁଚାଇ ରଖିପାରିଲାନାହିଁ। ଗୁରୁବାର ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ କେତେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଓ କେଉଁ ବ୍ଲକରେ କେତେ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ ସେନେଇ କୌଣସି ପ୍ରକାର ତଥ୍ୟ ଶିକ୍ଷା ବିଭାଗ ଦେଇ ନ ଥିଲା। ଏପରିକି ଏ ନେଇ ଚୁପ୍ ରହିବାକୁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ମଧ୍ୟ କୁଆଡେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଛି। ତଥାପି ହସ୍ତଗତ ହୋଇଥିବା ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାର ଦାଦନ ପ୍ରବଣ ବ୍ଲକଗୁଡ଼ିକରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି। ଦାଦନ ପ୍ରବଣ ବ୍ଲକ ବେଲପଡ଼ା ବ୍ଲକରେ ୧୯୦୦ ପରୀକ୍ଷାର୍ଥୀ ମଧ୍ୟରୁ ୧୮୦୧ ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ତୁରେକେଲା ବ୍ଲକରେ ୧୬୮୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୮୬ ପରୀକ୍ଷା ଦେଇଥିବା ବେଳେ ୯୫ ଜଣ ଅନୁପସ୍ଥିତ ଥିଲେ। ଖପ୍ରାଖୋଲ ବ୍ଲକରେ ୧୬୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୪୯ ପରୀକ୍ଷା ଦେଇଥିବା ବେଳେ ୮୧ ଜଣ ଅନୁପସ୍ଥିତ ଥିଲେ। ମୁରିବାହାଲ ବ୍ଲକରେ ୧୬୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୧୫ ଜଣ ପରୀକ୍ଷା ଦେଇଥିବା ବେଳେ ୫୪ ଜଣ ଅନୁପସ୍ଥିତ ଥିଲେ। ଦେଓଗାଁ ବ୍ଲକରେ ୧୨୭୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୪୧ ଜଣ ପରୀକ୍ଷା ଦେଇଥିବା ବେଳେ ୩୪ ଜଣ ଅନୁପସ୍ଥିତ ଥଲେ। ଲୋଇସିଂହା ବ୍ଲକରେ ୯୬୬ ଜଣ ମଧ୍ୟରୁ ୯୪୫ ଉପସ୍ଥିତ ଥିଲାବେଳେ ୨୧ ଜଣ ଅନୁପସ୍ଥିତ ଥିଲେ। ଆଗଲପୁର ବ୍ଲକରେ ୧୪୯୦ ଜଣ ମଧ୍ୟରୁ ୧୪୭୫ ଉପସ୍ଥିତ ଥିବାବେଳେ ୧୫ ଜଣ ଅନୁପସ୍ଥିତ ଥିଲେ। ବଲାଙ୍ଗିର ପୌରାଞ୍ଚଳରେ ୧୦୫୦ ଜଣ ମଧ୍ୟରୁ ୧୦୩୯ ଜଣ ଉପସ୍ଥିତ ଥିବାବେଳେ ୧୧ ଜଣ ଅନୁପସ୍ଥିତ ଥିଲେ। ବଲାଙ୍ଗିର ସଦର ବ୍ଲକରେ ୧୩୦୯ ଜଣଙ୍କ ମଧ୍ୟରୁ ୧୨୮୧ ଜଣ ଉପସ୍ଥିତ ଥିବାବେଳେ ୨୮ ଜଣ ଅନୁପସ୍ଥିତ ରହିଥିଲେ। ଟିଟିଲାଗଡ଼ ବ୍ଲକରେ ୨୨୦୦ ପରୀକ୍ଷାର୍ଥୀ ମଧ୍ୟରୁ ୨୧୩୮ ଜଣ ପରୀକ୍ଷା ଦେଇଥିବା ବେଳେ ୬୨ ଜଣ ଅନୁପସ୍ଥିତ ରହିଥିଲେ। ପାଟଣାଗଡ଼ ବ୍ଲକରେ ୨୩୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୭୫ ଜଣ ଅନୁପସ୍ଥିତ ଥିଲେ। ବଙ୍ଗୋମୁଣ୍ଡା ବ୍ଲକରେ ୧୩୦୯ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୨୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ ଅନୁପସ୍ଥିତ ରହିଥିଲେ।

ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିଲେ କୌଣସି ଉତ୍ତର ରଖୁନଥିବା ବେଳେ ଅନୁପସ୍ଥିତ ଥିବା ପରିକ୍ଷାର୍ଥୀଙ୍କ ସୂଚନାକୁ ଲୁଚାଇ ରଖିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ କାହିଁକି ବୋଲି ପ୍ରଶ୍ନ ଉଠିଛି। ଯଦି ସୂଚନା ବାହାରକୁ ଆସେ ତେବେ ଦାଦନଗଡ଼ର ଶିକ୍ଷା ବ୍ୟବସ୍ଥା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ହୁଏତ ଶିକ୍ଷା ବିଭାଗ ତଥା ଅଧିକାରୀଙ୍କ ମଧ୍ୟରେ ଭୟ ରହିଛି। ନା ନିଜ ଛବି ଠିକ୍ ରଖିବା ପାଇଁ ଫର୍ମ ପୂରଣ ସମୟରେ କିଛି ମିଥ୍ୟା ସୂଚନା ପ୍ରଦାନ କରାଯାଇଥିଲା; ଯାହାକୁ ଲୁଚାଇବାକୁ ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ରିପୋର୍ଟକୁ ସାମ୍ନାକୁ ଆଣିବାକୁ ଶିକ୍ଷା ବିଭାଗ ଭୟ କରୁଛି ତାହା ମଧ୍ୟ ଆଉ ଏକ ପ୍ରଶ୍ନ। ଏବେ ବିଧାନସଭା ଚାଲିଥିବାରୁ ବିରୋଧୀ ଦଳ ପାଇଁ ସରକାରକୁ ଘେରିବା ପାଇଁ ଏହା ଅସ୍ତ୍ର ହୋଇପାରେ ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଭୟ କରୁଛନ୍ତି ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଯେତେ ଲୁଚାଇଲେ ମଧ୍ୟ ଦାଦନ ପ୍ରବଣ ବ୍ଲକର ଅସଲ ଚିତ୍ର ଧରା ପଡ଼ିଛି।

# ବଙ୍ଗୀୟ ଦେହଜୀବୀଙ୍କ କବଜାରେ ବଲାଙ୍ଗିର

**ବଲାଙ୍ଗିର, ୨୦।୨(ସମିସ):** ବଲାଙ୍ଗିର ସହରରେ ଦିନକୁ ଦିନ ଦେହବେପାର ବଢ଼ିଚାଲିଛି। ସହରରେ ଥିବା କିଛି ନାମୀଦାମୀ ହୋଟେଲ, ଭଡାଘରେ ଏହି ବେଆଇନ କାରବାର ଚାଲିଛି। ଗ୍ରାହକଙ୍କ ଶୋଷ ମେଣ୍ଟାଉଛନ୍ତି ବଙ୍ଗୀୟ ଯୁବତୀ। କେବଳ ବଲାଙ୍ଗିର ସହର କାହିଁକି; ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଛୋଟ ବଡ ସହରରେ ଏହି କାରବାର ଚାଲିଥିବା ଅଭିଯୋଗ ହୋଇଛି। ବିଶେଷ କରି ରେଳ ସଂଯୋଗ ଥିବା ଅଞ୍ଚଳରେ ଏହି କାରବାର ଅଧିକ ଚାଲିଛି। କଲିକତାରୁ ଯୁବତୀମାନେ ଆସି ଏହି କାରବାରରେ ନିୟୋଜିତ ରହୁଛନ୍ତି। ନିର୍ଦ୍ଦିଷ୍ଟ କିଛି ଲୋକ ଏହି କାରବାରର ଦଲାଲ ସାଜିଛନ୍ତି। କାଲି ଯେଉଁମାନେ ନିଜେ ବଙ୍ଗୀୟ ଯୁବତୀଙ୍କ ପାଖକୁ ଯାଇ ଶୋଷ ମେଣ୍ଟାଉଥିଲେ ଆଜି ସେମାନେ ଦଲାଲ ସାଜିଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ସହରର ସୁଦପଡ଼ାରେ ଦେହ ବେପାର ଚାଲିଥିବା ନେଇ ପୁଲିସ ଖବର ପାଇବା ପରେ ବୁଧବାର ଚଢାଉ କରିଥିଲା। ଏକ ଘରୁ ଏକାଧିକ ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ଘର ମାଲିକାଣୀ ସହ ଦଲାଲ ଓ ତିନି ଜଣ ଗ୍ରାହକଙ୍କୁ ପୁଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଦୀର୍ଘ ମାସ ପରେ ଦେହ କାରବାର ଉପରେ ପୁଲିସ ଚଢଉ କରିଥିବା ଜଣାପଡ଼ିଛି। କିନ୍ତୁ ଏହି କାରବାର ଗତ କିଛି ବର୍ଷ ହେଲା ବଲାଙ୍ଗିର ସହରର କିଛି ନିର୍ଦ୍ଦିଷ୍ଟ ଦାମୀ ହୋଟେଲ, ଭଡା ଘରରେ ଚାଲିଥିବା ସୂଚନା ରହିଛି। ରେଳ ଷ୍ଟେସନ ଅଞ୍ଚଳରେ ଥିବା କିଛି ଲଜରେ ମଧ୍ୟ ଏହି କାରବାର ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିଛି ବର୍ଷ ପୂର୍ବରୁ ଏହି ଅଞ୍ଚଳର ଏକ ଲଜରେ ପୁଲିସ ଚଢଉ କରି ଯୁବତୀ ଓ ଯୁବକଙ୍କୁ ଗିରଫ

> **ରାଜ୍ୟ ବାହାରୁ ଆସି କାରବାର ଚଳାଉଛନ୍ତି**
>
> **ବଲାଙ୍ଗିର ସାଜିଛି ହବ୍, ଲିଙ୍କ୍‌ରେ ଅନେକ ହୋଟେଲ**
>
> **ଟ୍ରେନରେ ଆସି ଟ୍ରେନରେ ଫେରୁଛନ୍ତି ବଙ୍ଗୀୟ ଯୁବତୀ**
>
> **ସବୁ ଜାଣି ଅଜଣା ଅଭିନୟ କରୁଛି ପୁଲିସ ଓ ଆରପିଏଫ**

କରିଥିଲା। ଅବଶ୍ୟ ଏହି ମାମଲା ବିଷୟରେ ପୁଲିସ ସେହି ସମୟରେ କୌଣସି ସୂଚନା ଦେଇ ନ ଥିଲା ତଥାପି ଏହା ସାମ୍ନାକୁ ଆସିଥିଲା। ବିଶେଷ କରି ବଲାଙ୍ଗିରରେ ଏହି ବେଆଇନ ଦେହ ବ୍ୟବସାୟରେ ବଙ୍ଗୀୟ ଯୁବତୀମାନଙ୍କୁ ନିୟୋଜିତ କରାଯାଉଥିବା ସୂଚନା ରହିଛି। ହାୱଡାରୁ ସିଧାସଳଖ ବଲାଙ୍ଗିରକୁ ରେଳ ସଂଯୋଗ ଥିବାରୁ ଏହା ଦେହଜୀବୀଙ୍କୁ ସୁହାଇଛି। ସକାଳୁ ହାୱାଡରୁ ବାହାରି ଟ୍ରେନରେ ସଂଧ୍ୟାରେ ବଲାଙ୍ଗିରରେ ପହଞ୍ଚୁଛନ୍ତି। ପରେ ନିଜ ନିଜ ଦଲାଲଙ୍କ ସହ ବ୍ୟବସାୟରେ ଲାଗିପଡୁଛନ୍ତି। ସକାଳୁ ପୁଣି ଟ୍ରେନ ଧରି ହାୱଡା ଅଭିମୁଖେ ବାହାରିଯାଉଛନ୍ତି। ଦିନେ ଦୁଇଦିନ ରହି ନିଜ ବ୍ୟବସାୟ ଜମାଇବା ପରେ ପୁଣି ଚାଲିଯାଉଥିବାରୁ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ବିଭିନ୍ନ ସମୟରେ ଚଢଉ ପରେ ଉଦ୍ଧାର ହେଉଥିବା ସମ୍ପୃକ୍ତ ଦେହଜୀବୀଙ୍କୁ ଛାଡି ଦିଆଯାଉଛି। ଏଣୁ କିଛି ଦିନ ପରେ ପୁଣି ସେମାନେ ବଲାଙ୍ଗିର ଆସି ଏହି କାରବାର ଚଳାଉଥିବା ଅଭିଯୋଗ ହୋଇଛି। କେବଳ ବଲାଙ୍ଗିର ସହର କାହିଁକି; ଏହି ଟ୍ରେନରେ ଆସି ଏହି ଯୁବତୀମାନେ ଲୋଇସିଂହା, ସଇଁନ୍ତଲା, ଟିଟିଲାଗଡ଼ ଷ୍ଟେସନରେ ଓହ୍ଲାଇ ନିଜ ବ୍ୟବସାୟ ଜମାଉଥିବା ଅଭିଯୋଗ ହୋଇଛି। ତେବେ ଏହି ଯୁବତୀମାନେ ନିଜ ସମ୍ପର୍କରେ ଥିବା ଦଲାଲମାନଙ୍କ ଜରିଆରେ ବ୍ୟବସାୟ ଜମାଉଛନ୍ତି। ଏବେ ଏହି ଦଲାଲଙ୍କ ସଂଖ୍ୟା ମଧ୍ୟ କାହିଁରେ କେତେ। ଅନଲାଇନରେ ଗ୍ରାହକ ଠିକ କରି ସେମାନଙ୍କ ଅନୁସାରେ ଯୁବତୀମାନଙ୍କୁ ତାଙ୍କ ପାଖକୁ ପହଞ୍ଚାଇ ଦେଉଛନ୍ତି। ପୁଲିସ ଏହାର ଟେର ପାଉନାହିଁ। ଦଲାଲମାନଙ୍କ ସମ୍ପର୍କରେ ଥିବା କିଛି ହୋଟେଲରେ ଏହି ବ୍ୟବସାୟ ଚାଲୁଛି। ହୋଟେଲ ଗୁଡିକରେ ଚଢଉ କରିବାର କ୍ଷମତା ରହିଥିଲେ ମଧ୍ୟ ପୁଲିସ ଦକ୍ଷେପ ନେଉନି। ଏହାର ସୁଯୋଗ ନେଇ ଏହି କାରବାର ମନଇଚ୍ଛା ଚାଲିଛି।

# ନବୀନଙ୍କୁ ଭେଟିଲେ କାଉନସିଲର



**ବଲାଙ୍ଗିର, ୨୦।୨ (ସମିସ) :** ବଲାଙ୍ଗିର ପୌର ପରିଷଦର କାଉନସିଲରମାନେ ବିଜୁ ଜନତା ଦଳ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଉପସ୍ଥିତିରେ ଭୁବନେଶ୍ୱର ନବୀନ ନିବାସଠାରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ପୌରପରିଷଦର କାଉନସିଲରମାନେ ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ସାକ୍ଷାତକାର ସମୟରେ ଶ୍ରୀ ପଟ୍ଟନାୟକ ବଲାଙ୍ଗିରର ଜନସାଧାରଣଙ୍କ ସେବା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ କାଉନସିଲରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଉତ୍ସାହ ଓ ଏକତା ଭାବ ନେଇ ଦଳୀୟ ସଂଗଠନକୁ ସୁଦୃଢ କରିବା ସହ ଆଗକୁ ବଢ଼ିବାକୁ କହିଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କଣ୍ଟାବାଞ୍ଜି, ୨୦।୨(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲି ଗାଁ ବୁଲାଣିରେ ଭୟଙ୍କର ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ବେଲପଡ଼ା ଥାନା ଡୁଙ୍ଗୁରିଗୁଡା ଗାଁର ବଳରାମ ଧରୁଆ ଓ ପ୍ରଶାନ୍ତ ଧରୁଆ ତୁରେକେଲା ଥାନା କନ୍ଦେଇ ଗାଁକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ବାଇକ୍ ଯୋଗେ ସେମାନେ ଘରକୁ ଫେରୁଥିବା ବେଳେ ଅଘଟଣ ଘଟିଥିଲା। ମହୁଲବାହାଲି ଗାଁ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇବା ଫଳରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଏହାଫଳରେ ଘଟଣାସ୍ଥଳରେ ବାଇକ୍ ଚଳାକ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ବଳରାମ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# କଣ୍ଟାବାଞ୍ଜି ସରକାରୀ ନୋଡାଲ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କଣ୍ଟାବାଞ୍ଜି, ୨୦।୨(ସମିସ):** କଣ୍ଟାବାଞ୍ଜିସ୍ଥିତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସକେ) ପକ୍ଷରୁ ଏକ ସ୍ୱାସ୍ଥ୍ୟ ସ୍କ୍ରିନିଂ ଓ ରକ୍ତହୀନତା ପରୀକ୍ଷା ଶିବିର ସମ୍ପନ୍ନ ହୋଇଛି। ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍.ଏଚ.ଟି-୧ ଟିମ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିବିରରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ସହକାରୀ ଶିକ୍ଷକ ଜାନକୀ ରାମ ସାମବେଦମ୍ ଏବଂ ଶିକ୍ଷୟିତ୍ରୀ ପୂଜା ଜାଲ, ସୁନନ୍ଦା ପୁରୋହିତ, ଦୀପାଞ୍ଜଳି ଭୋଇ, କାନ୍ତିଲତା ବର୍ଗେ ଓ ମୁକ୍ତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ। ଆର୍.ବି.ଏସ.କେ ଟିମ୍‌ର ଆୟୁଷ ମେଡିକାଲ ଅଫିସର ଡାକ୍ତର ଯଶୋବନ୍ତ କୁମାର ସେଠ୍ ଏବଂ ଡାକ୍ତର ପ୍ରଜ୍ଞା ପାରମିତା ପାଣିକା ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ବିଭିନ୍ନ ରୋଗର ଲକ୍ଷଣ ଉପରେ ସ୍କ୍ରିନିଂ କରିଥିଲେ। ଫାର୍ମାସିଷ୍ଟ ତପନ ମେହେର ଔଷଧ ବଣ୍ଟନ କରିଥିବା ବେଳେ ଅଭିଷେକ କୁମ୍ଭାର ବୈଷୟିକ କାର୍ଯ୍ୟ ପରିଚାଳନା କରିଥିଲେ।

# ଗର୍ଜିଲେ କେନ୍ଦୁପତ୍ର କର୍ମଚାରୀ






**ଦେଓଗାଁ, ୨୦।୨(ସମିସ)**

ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଜାଗାରେ ଶୁକ୍ରବାର କେନ୍ଦୁପତ୍ର କର୍ମଚାରୀ ସଂଘ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଛନ୍ତି। ନିଜ ସମସ୍ୟା ତଥା ଦାବି ନେଇ ସେମାନେ ଗର୍ଜିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

ଦେଓଗାଁ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟରେ

> **ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ**

ଶୁକ୍ରବାର ପୂର୍ବାହ୍ନରେ ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ, ଆନୁସାଙ୍ଗିକ ଶ୍ରମିକମାନେ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ରାଜୁ ମେହେରଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଓ ଶ୍ରମିକମାନେ ବିଭିନ୍ନ ନାରାଦେଇ ଶୋଭାଯାତ୍ରାରେ ସ୍ଥାନୀୟ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ପରିସରକୁ ଆସି ଗଣଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ ସଇଁନ୍ତଲାର ପୂର୍ବତନ ହେଡ ଚେକର ରାଜକୁମାର ବିଶି, ସର୍କଲ ଚେକର ଡିଙ୍ଗର ଠାକୁର, ବରିଷ୍ଠ ନେତା ଉମାଶଙ୍କର ସିଂ, ଶୈଳେନ୍ଦ୍ର ସାହୁ, ହିତେଶ ଦଳାଇ, ମନୋଜ ବାରିକ, ବରିଷ୍ଠ କର୍ମଚାରୀ ବିଜୟ ସାହୁ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ଅଣଦେଖା କରୁଥିବା ନେଇ ତୀବ୍ର ସମାଲୋଚନା କରିଥିଲେ। ତୋଳାଳିଙ୍କ କେନ୍ଦୁପତ୍ର କେରିପ୍ରତି ଦର ବୃଦ୍ଧି, ସିଜନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ଦର ବୃଦ୍ଧି, କେନ୍ଦୁପତ୍ର



ଫଡି ଉଚ୍ଛେଦ ବନ୍ଦ, ଘରୋଇକରଣ ବନ୍ଦ, ପିସିସିଏଫଙ୍କ ଅଧ୍ୟକ୍ଷତାରେ ଗଠିତ ତୋଳାଳି, ସିଜିନାଲ ଓ ବନ୍ଧେଇ ଶ୍ରମିକଙ୍କ କଲ୍ୟାଣ ଟ୍ରଷ୍ଟବୋର୍ଡର ବୈଠକ, ବୋନସ ପ୍ରଦାନ ଶତକଡା ହିସାବରେ ଗତବର୍ଷଠାରୁ ଅଧିକ ବୃଦ୍ଧି କରିବା, ମୃତକଙ୍କ ପରିବାରକୁ ସହାୟତା ବାବଦକୁ ୨ଲକ୍ଷରୁ ବୃଦ୍ଧି କରି ୪ଲକ୍ଷ କରିବା, ସିଜିନାଲ କର୍ମଚାରୀ ରୋଗରେ ପଡ଼ିଲେ ଛୁଟି ମଞ୍ଜୁର କରିବା, ସିଜିନାଲ କର୍ମଚାରୀଙ୍କ ଖାଲିଥିବା ପଦବୀ ପୂରଣ କରିବା, ମୁନସୀ ଓ ଫଡିସାଥିଙ୍କ କାର୍ଯ୍ୟକାଳ ହ୍ରାସ ନ କରି ଧାର୍ଯ୍ୟ ସମୟ ଅନୁଯାୟୀ ମାସିକ ମଜୁରୀ ପ୍ରଦାନ, ଓଏଫଡିସିକୁ ପାଣ୍ଠି ଯୋଗାଇବା, ବଜେଟରେ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ସହାୟତା ପାଇଁ ୨ଶହକୋଟି ଟଙ୍କାର ବ୍ୟବସ୍ଥା କରିବା ଆଦି ଦାବି ପୂରଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କେନ୍ଦୁପତ୍ର ଡିଭିଜନର ରେଞ୍ଜର ଧ୍ରୁବା ରଣାଙ୍କୁ ଏକ ଦାବିପତ୍ର ଦିଆଯାଇଛି।

**ଖପ୍ରାଖୋଲ:** ଖପ୍ରାଖୋଲ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରେଞ୍ଜର ଅରବିନ୍ଦ ପଣ୍ଡାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ଧାରଣାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ଖପ୍ରାଖୋଲ କେନ୍ଦୁପତ୍ର କର୍ମଚାରୀ ସଂଘର ସୁରେନ୍ଦ୍ର ବରିହା, ଗୋକୁଳ ଧରୁଆ, ଧ୍ରୁବ ଚାନ୍ଦ, ଲଳିତ ପଧାନ, ପୀତାମ୍ବର ସାହୁ, ଶେଷ ଦଣ୍ଡସେନା ପ୍ରମୁଖ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ଉପସ୍ଥିତ ଥିଲେ। ସେହି ପରି ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିମାନେ ଧାରଣା ଦେଇଥିଲେ। ରେଞ୍ଜର ଦୀନବନ୍ଧୁ ପଟେଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ବେଲପଡ଼ା:** ବେଲପଡ଼ାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଞ୍ଜର ବ୍ରଜରାଜ ବିଶ୍ୱାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିବାନନ୍ଦ ପରିଚ୍ଛାଙ୍କ ନେତୃତ୍ୱରେ କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ଗଣ୍ଡରମ ସୁନା, ଶାନ୍ତନୁ ସାହୁ, ବୃନ୍ଦାବନ ନିଆଲ, ରାଜ ଡଙ୍ଗା, ଜୀବରର୍ଦ୍ଧନ ମାଝୀ, ଶିବ ସାହୁ, ସଞ୍ଜୁ ରାମ ନାଗ, ଧନରାମ ଦୀପ, ନରୋତ୍ତମ ଭାର୍ଟି, ସର୍ଜନ ଗଡ଼ତିଆ, ଗୁପ୍ତେଶ୍ୱର ବେହେରା, ରୋହିତ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦନ ସମସ୍ୟା ସମାଧାନ ପାଇଁ 'ଡାଲଖାଇ' ମଲମ

**ବଲାଙ୍ଗିର, ୨୦।୨(ସମିସ):** ଦାଦନ ପାଇଁ ରାଜ୍ୟ ସରକାରଙ୍କ ଡାଲଖାଇ ମଲମ। ଦାଦନ ସମସ୍ୟା ଦୂରୀକରଣ ପାଇଁ ରାଜ୍ୟ ସରକାର ଡାଲଖାଇ ନାମରେ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଶୁକ୍ରବାର ଏନେଇ ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହା ବଲାଙ୍ଗିର ଜିଲ୍ଲା ପାଇଁ କେତେ ସହାୟକ ହେବ ତାହା ସବୁଠାରୁ ବଡ ପ୍ରଶ୍ନ। ଦାଦନ ସମସ୍ୟା ସମାଧାନ ପାଇଁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା। ଏହି ଦୁଇ ବର୍ଷରେ ତାହାର କିଛି ସଫଳତା ଦୃଶ୍ୟମାନ ହୋଇନି। ଏବେ ସରକାରଙ୍କ ଡାଲଖାଇ ମଲମ କେତେ ଉପକାରୀ ହେବ ତାହା ଦେଖିବା କଥା।

ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲା। ଏଠି କାମ ନ ପାଇ ପେଟ ପାଟଣା ପାଇଁ ଲୋକେ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିକଟସ୍ଥ ଆନ୍ଧ୍ର, ତାମିଲନାଡୁ, ଛତିଶଗଡ଼, କେରଳ ଯାଇ କାମ କରିଥାନ୍ତି। ଦାଦନ ଚାଲାଣ କରିବା ପାଇଁ ବଲାଙ୍ଗିର ଜିଲ୍ଲାରେ ଶହ ଶହ ଦଲାଲ ରହିଛନ୍ତି। ପ୍ରତିବର୍ଷ ବିଭିନ୍ନ ରାଜ୍ୟର ଇଟାଭାଟି ଓ ଅନ୍ୟ କମ୍ପାନୀର ଏଜେଣ୍ଟ ଓ ମାଲିକମାନେ ଆସି ମାନବ ଚାଲାଣ ପାଇଁ ଏହି ଦଲାଲଙ୍କୁ ଧରି ବଇନା ଦେଇଥାନ୍ତି। ପରେ ଶ୍ରମିକମାନେ ଘର ତାଲା ପକାଇ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ଅନେକ ସମୟରେ ଏହି ଶ୍ରମିକମାନେ ବାହାର ରାଜ୍ୟରେ ନିର୍ଯାତିତ ହେବା ଘଟଣା ସାମ୍ନାକୁ ଆସିଥାଏ। ଜିଲ୍ଲାରୁ ଟଙ୍କା ରୋଜଗାର କରିବାକୁ ଯାଇଥିବା ଯୁବକଙ୍କ ମୃତଦହେ ଘରକୁ ଫେରିବାର ଦୃଶ୍ୟ ମଧ୍ୟ ଜିଲ୍ଲାରେ ଦେଖିବାକୁ ମିଳିଥାଏ। ଅନେକ ଶ୍ରମିକ ହାତ ଗୋଡ ହରାଇ ଭିନ୍ନକ୍ଷମ ହେବାର ମଧ୍ୟ ଉଦାହରଣ ରହିଛି; କିନ୍ତୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଜିଲ୍ଲାରୁ କେତେ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି ତାହାର ବାସ୍ତବ ରିପୋର୍ଟ ଶ୍ରମ ବିଭାଗ ସରକାରଙ୍କୁ କେବେ ଦେଇ ନ ଥାଏ। ଏହାଫଳରେ ଶ୍ରମିକମାନେ କ୍ଷତିଗ୍ରସ୍ତ ହେବା ସହ ହଇରାଣ ହୋଇଥାନ୍ତି। ତେବେ ଏହା ଆଜି କି କାଲିର ସମସ୍ୟା ନୁହଁ। ଦୀର୍ଘବର୍ଷ ହେଲା ଏହି ସମସ୍ୟା ଲାଗି ରହିଛି। ଶିଳ୍ପବିହୀନ ତଥା ଶୁଷ୍କ ଜିଲ୍ଲା ହୋଇଥିବାରୁ କର୍ମସଂସ୍ଥାନର ବ୍ୟବସ୍ଥା ନାହିଁ। ଲୋକେ ବାଧ୍ୟ ହୋଇ ପରିବାର ଚଳାଇବା ପାଇଁ ଏଠି ଦାଦନ ସାଜିଥାନ୍ତି। ତେବେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ସମସ୍ୟା ସମାଧାନ ହେବ ବୋଲି ସରକାର ପ୍ରଥମେ କହିଥିଲେ। ଏହା ପରେ ସମାଧାନର ବାଟ ବାହାର କରିବା ପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଥିଲେ; ଯାହାର ଅଧ୍ୟକ୍ଷ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜେ ରହିଛନ୍ତି; କିନ୍ତୁ ଏହି ଦୁଇ ବର୍ଷ ଭିତରେ ଏହି ଟାସ୍କଫୋର୍ସର କାର୍ଯ୍ୟକଳାପ ଓ ନୀରବତାକୁ ନେଇ ବିରୋଧୀ ଅନେକ ସମୟରେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ନୂତନ ସରକାର ଗଠନ ପରେ ବଲାଙ୍ଗିର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ ଦାଦନ ସମସ୍ୟା ସମାଧାନ ପାଇଁ ଜିଲ୍ଲାରେ ଏକ ବିଡି କାରଖାନା ପ୍ରତିଷ୍ଠା କରାଯିବ ବୋଲି କହିଥିଲେ; କିନ୍ତୁ ତାଙ୍କ ପ୍ରତିକ୍ରିୟାକୁ

> **ଟାସ୍କଫୋର୍ସ ପରେ 'ଡାଲଖାଇ'**
>
> **ଆଶାରେ ରହିଗଲା ବିଡି କାରଖାନା**
>
> **ଦେଓଗାଁ ଚିନିକଳ ପୁନରୁଦ୍ଧାର ଆଶା ବି ମଉଳିଲାଣି**

୨ ବର୍ଷ ବିତିଯାଇଥିବା ବେଳେ ଏନେଇ କୌଣସି ଘୋଷଣା, ଆଲୋଚନା କିମ୍ବା ନିଷ୍ପତ୍ତି ମଧ୍ୟ ହୋଇନାହିଁ। ସେହିପରି ଦେଓଗାଁ ଚିନିକଳ ପୁନରୁଦ୍ଧାର କରିବାକୁ ସରକାର କହିଥିବା ବେଳେ କିଛି ଦିନ ଧରି ଏନେଇ ଆଲୋଚନା ଚାଲିଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ସେ ନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ଏହାରି ଭିତରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ବଜେଟ ଉପସ୍ଥାପନ ସମୟରେ ଦାଦନ ସମସ୍ୟା ବା ଡିଷ୍ଟ୍ରେସ ମାଇଗ୍ରେସନ ସମସ୍ୟା ସମାଧାନ ପାଇଁ ଡାଲଖାଇ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବା କହିଛନ୍ତି। ଡାଲଖାଇ ଅର୍ଥାତ ପ୍ରତ୍ୟେକ ଲୋକଙ୍କୁ ଜୀବିକା ଅବସର, ଶିକ୍ଷା/ଜ୍ଞାନ, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ଭିତ୍ତିଭୂମି ଅଧିକାର ପ୍ରଦାନ ଦିଗରେ ଏହା କାର୍ଯ୍ୟକାରୀ ହେବ। ତେବେ ରାଜ୍ୟ ସରକାରଙ୍କ ଏହି ମଲମ ବଲାଙ୍ଗିର ଜିଲ୍ଲାର ଦାଦନ ଘା'କୁ ଠିକ୍ କରିବାରେ ସହାୟକ ହେବ ନା ଘୋଷଣାରେ ହିଁ ଏହା ସୀମିତ ରହିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

## ଅଟୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି, ୨୦।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି-କାପାସିରା ରାସ୍ତାର ଗଧା ପାଲିଠାରେ ଏକ ଅଟୋ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବୈଦ୍ୟପାଲି ଗ୍ରାମର ଦିନ ବାରିକ (୩୫) । ବିନିକା ବ୍ଲକ ଶିଳାଟି ଗ୍ରାମରେ ହେଉଥିବା ଏକ ବାହାଘର କାର୍ଯ୍ୟକ୍ରମରେ ସେ ଯୋଗଦେଇ ବାଇକ୍‌ରେ ଘରକୁ ଫେରୁଥିଲେ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ ।

## କାର୍ ଧକ୍କାରେ ୩ ଗୁରୁତର

**ହରଭଙ୍ଗା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ଚାରିଛକ-ଫୁଲବାଣୀ ରାସ୍ତାର କଁହର ସାହି ନିକଟରେ କାର-ଅଟୋ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି । ଏମାନେ ହେଲେ ଗେଟାମୁଣ୍ଡାର ଲଳିତ ଭୋଇ, ପ୍ରତାପ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ । ଏମାନେ ଅଟୋ ଯୋଗେ ଚାରିଛକ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଅଟୋରେ ବସିଥିବା ସମସ୍ତ ଯାତ୍ରୀ ରାସ୍ତା ତଳକୁ ଛିଟିକି ପଡ଼ିଥିଲେ । ଖବର ପାଇ ଚାରିଛକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ ।

## ତୃତୀୟ, ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ ୨୮ କୃତକାର୍ଯ୍ୟ

**ହରଭଙ୍ଗା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ୨୦୨୫ ଶିକ୍ଷା ବର୍ଷର ତୃତୀୟ ଓ ପଞ୍ଚମ ମେଧା ବୃତ୍ତି ପରୀକ୍ଷାରେ ୨୮ ଛାତ୍ରଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି । ତୃତୀୟରୁ ୧୪ ଜଣ ଏବଂ ପଞ୍ଚମରୁ ୧୪ ଜଣ ପିଲା ମେଧାବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଛନ୍ତି ।

## ଦ୍ରୌପଦୀ ମିଶ୍ରଙ୍କ ପରଲୋକ



**ତରଭା, ୨୦।୨(ସମିସ):** ତରଭା ନୂଆପଡ଼ା ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ପତ୍ନୀ ଦ୍ରୌପଦୀ ମିଶ୍ର (୭୫)ଙ୍କ ଦେହାନ୍ତ ହୋଇଯାଇଛି । ସେ କର୍କଟ ରୋଗରେ ପୀଡ଼ିତ ହୋଇ ବଡ଼ ଝିଅ ଶୋଭାରାଣୀ ମିଶ୍ର ତଥା ଜ୍ୱାଇଁ ଆଇନ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଜୀବନ ବଲ୍ଲଭ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିଲେ । ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳ ତଥା ବନ୍ଧୁବାନ୍ଧବ ମହଲରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରଯାଇଛି । ବଡ ପୁଅ ମନୋରଞ୍ଜନ ମିଶ୍ର ମୁଖାଗ୍ନି ଦେଇଥିଲେ ।

## ପ୍ରଶାସନିକ ଅଧିକାରୀଙ୍କ ଶବେରୀ ଗ୍ରାମ ପରିଦର୍ଶନ

**ହରଭଙ୍ଗା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣୀଗଡ଼ ପଞ୍ଚାୟତ ଦୁର୍ଗମ ଶବେରୀ ଗ୍ରାମରେ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିଛି । ଉପ ଜିଲ୍ଲାପାଳ ବିନୟ ଭୋଇ ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିଲେ । ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଆଲୋଚନା ମଧ୍ୟ କରିଥିଲେ । ହରଭଙ୍ଗା ବିଡିଓ ବିଜୟ ପ୍ରଧାନ, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ, ରାଜସ୍ୱ ନିରୀକ୍ଷକ ପଙ୍କଜ କହଁର, ଜୟନ୍ତ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

## ଭି ବି- ଜି ରାମ ଜି ଜନ ଜାଗରଣ ଅଭିଯାନ

**ମନମୁଣ୍ଡା, ୨୦।୨(ସମିସ):** ସ୍ଥାନୀୟ ଡାକ ବଙ୍ଗଳାରେ 'ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜିବିକା ମିଶନ ଗ୍ରାମୀଣ' ( ଭିବି - ଜି ରାମ ଜି ) ଜନ ଜାଗରଣ ଅଭିଯାନର ମନମୁଣ୍ଡା ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶ୍ରୀକାନ୍ତ ଭୋଇଙ୍କ ସଭପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ଜିଲ୍ଲା ସଂଯୋଜକ ବିପ୍ରଚରଣ ମହାନ୍ତି, ନିରଞ୍ଜନ କର୍ଣ୍ଣ, ବରିଷ୍ଠ ନେତା ବିଜିତ୍ ପ୍ରଧାନ, ଜୟନ୍ତୀ ହାତୀ, କୃଷ୍ଣ କୁମ୍ଭାର, ବିଶ୍ୱମିତ୍ର ରଣା ପ୍ରମୁଖ ମଞ୍ଚାସୀନ ଥିଲେ ।

## କଳାକାର ପ୍ରଦୋଷ ମିଶ୍ରଙ୍କ ପରଲୋକ



**ବୌଦ୍ଧ, ୨୦।୨(ସମିସ):** ବୌଦ୍ଧ ବଗିଚାସାହିର ପ୍ରଦୋଷ ମିଶ୍ରଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ବୌଦ୍ଧ ସମବାୟ ବ୍ୟାଙ୍କରେ କାର୍ଯ୍ୟ କରି ସେ ଅବସର ଗ୍ରହଣ କରିଥିଲେ । ଏହାସହ ରାମଲୀଳା ନାଟ୍ୟ ସଂସଦର ଜଣେ ବରିଷ୍ଠ କଳାକାର ଥିଲେ । ଶବରୀ, ବିଭୀଷଣ ଓ ରାବଣ ଭୂମିକାରେ ଅଭିନୟ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୦ଟି ରାବଣ ରଥ ସହର ପରିକ୍ରମା ଆରମ୍ଭ ହୋଇଥିଲା । ସେ ଜିଲ୍ଲା ବ୍ରାହ୍ମଣ ସମାଜର ଆଜୀବନ ସଦସ୍ୟ ଥିଲେ ।

## କିଶୋରୀ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ

**ହରଭଙ୍ଗା, ୨୦।୨(ସମିସ):** ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର ସଭାଗୃହରେ କିଶୋରୀ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କିଶୋରୀମାନଙ୍କୁ ନେଇ ସଙ୍ଗୀତ, ମ୍ୟୁଜିକ ଚେୟାର ଏବଂ ଭାଷଣ ପ୍ରତିଯୋଗିତା କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଧାନଗର ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, କିଶୋରୀ ଏବଂ ସ୍କୁଲର ଛାତ୍ରୀମାନେ ଯୋଗ ଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ରଞ୍ଜିତା ସେଠି ଓ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପାଇଟାଳ ଯୋଗଦେଇ ବାଲ୍ୟ ବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ମାନସିକ ଚାପ ଏବଂ ଅସୁବିଧା ଉପରେ ଆଲୋଚନା କରରିଥିଲେ ।

### ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

# ସମସ୍ତେ ସଚେତନ, ସତର୍କ ରହିବାକୁ ନିର୍ଦ୍ଦେଶ

**ବୌଦ୍ଧ, ୨୦।୨(ସମିସ)**

ବୌଦ୍ଧ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ବିଭୁତିଭୂଷଣ ନାଏକଙ୍କ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ପିଇବା ପାଣି ଓ ଅଂଶୁଘାତର ସଫଳ ମୁକାବିଲା ନିମନ୍ତେ ବ୍ୟାପକ ଆଲୋଚନା ହୋଇଥିଲା । ଗତବର୍ଷ ଜିଲ୍ଲାରେ ତାପମାତ୍ରା ରାଜ୍ୟର ସର୍ବାଧିକ ରେକର୍ଡ କରାଯାଇଥିଲା । ଏଣୁ ଚଳିତବର୍ଷ ଅଂଶୁଘାତ ମୁକାବିଲା କାର୍ଯ୍ୟକ୍ରମକୁ ଏକ ପାଇଲଟ ପ୍ରେଜେକ୍ଟ ଭାବେ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ନାଏକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ବୃଦ୍ଧି ପାଉଥିବା ତାପମାତ୍ରା ରିପୋର୍ଟ ପ୍ରତିଦିନ ରେକର୍ଡ କରିବା ସହ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ସଚେତନ କରିବାକୁ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ମାର୍ଚ୍ଚରୁ ଜୁନ ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତେ ଅଂଶୁଘାତର ମୁକାବିଲା ପାଇଁ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ଅଂଶୁଘାତର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକ, ତହସିଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ କାର୍ଯ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକ ସେବା ଯୋଗାଇ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ, ଲିକ୍ୟୁଇଡ ଓ ଥଣ୍ଡା ପାନୀୟ ଜଳ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ପାଣିର ବ୍ୟବସ୍ଥା କରିବା ସହ ସକାଳ ୧୧ଟାରୁ ଅପରାହ୍ନ ସାଢେ ତିନିଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବାବେଳେ ଅଂଶୁଘାତ ଆଶଙ୍କା ରହିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାରେ ଅଚଳ ଥିବା ନଳକୂପଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ପାନୀୟଜଳ ସଙ୍କଟ ଥିବା ଅଞ୍ଚଳଗୁଡିକୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ଦ୍ୱାରା ପିଇବା ପାଣିର ସୁବ୍ୟବସ୍ଥା କରିବା,




ଗ୍ରୀଷ୍ମପ୍ରବାହକୁ ଦେଖି ଶିକ୍ଷାନୁଷ୍ଠାନଗୁଡିକର ସମୟ ପରିବର୍ତ୍ତନ କରିବା, ଯାନବାହାନରେ ଯାତ୍ରୀ ପରିବହନ ସମୟ ପରିବର୍ତ୍ତନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକସ୍ଥଳେ ଜିଲ୍ଲାର ଏନଏସି ଏବଂ ବ୍ଲକ ଗୁଡିକର ଜନଗହଳିସ୍ଥାନ ଗୁଡିକରେ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଓ ପଞ୍ଚାୟତରାଜ ସଦସ୍ୟମାନଙ୍କୁ ସାମିଲ କରି ଅଂଶୁଘାତର ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗ୍ରୀଷ୍ମଦିନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପଶୁ ପକ୍ଷୀଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଗ୍ରୀଷ୍ମରେ ତାପମାତ୍ରା ବୃଦ୍ଧି ପାଇବା ଆଶଙ୍କା ଥିବାରୁ ସତର୍କ ଓ ସଚେତନ ରହିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଶ୍ରମ, ଜିଲ୍ଲା ସାମାଜିକ ସୁରକ୍ଷା, ଜଙ୍ଗଲ, ପାନୀୟ ଜଳ ବିଭାଗ ନିଜ ନିଜ ଦାୟିତ୍ୱ ଠିକ୍‌ରେ ପରିଚାଳନା କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ ଭୋଇ, ଡିଏସପି ଏ.କେ. ଡୁଙ୍ଗଡୁଙ୍ଗ, ଡିପିଏଚଓ ଡା. ମହେନ୍ଦ୍ର ସାହୁ, ସମସ୍ତ ବିଡିଓ, ତହସିଲଦାର ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ ସ୍ୱାଗତ ଭାଷଣ ଦେଇଥିଲେ । ବିପର୍ଯ୍ୟୟ ପରିଚାଳନା ବିଭାଗ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜୟ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପ୍ରଶାସନିକ ଅଧିକାରୀଙ୍କ ଗନ୍ଧରାଡ଼ି ମନ୍ଦିର ପରିଦର୍ଶନ

**ବୌଦ୍ଧ, ୨୦।୨(ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଜଗତୀସ୍ଥିତ ଗନ୍ଧରାଡ଼ି ପୀଠ ପରିଦର୍ଶନ କରିଛନ୍ତି । ପୀଠର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପଶ୍ଚିମ୍ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୩୪ ଲକ୍ଷରୁ ଅଧିକ ଟଙ୍କା ଆସି ୩ ବର୍ଷ ହେଲା ପଡ଼ି ରହିଛି । ଖର୍ଚ୍ଚ ପାଇଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବରିଷ୍ଠ ବିଜେପି ନେତା ବିପ୍ର ଚରଣ ମହାନ୍ତି



ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ତହସିଲଦାର ଅନିତା ସାହୁ, ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ, ଖୁଣ୍ଟବନ୍ଧ ରାଜସ୍ୱ ନିରୀକ୍ଷକ ଲିପିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନରେ ଏମ୍‌ବିକେ ବବିତା ରାଣୀ ମହାପାତ୍ର ସମ୍ମାନିତ ହେବା ଅବସରରେ

## ତରଭାକୁ ସବ୍‌ଡିଭିଜନ ଦାବି ନେଇ ପ୍ରସ୍ତୁତି

**ତରଭା, ୨୦।୨(ସମିସ):** ସ୍ଥାନୀୟ ଏନଏସି ପାଠାଗାରରେ ସୋନପୁର ଜିଲ୍ଲା ତରଭାକୁ ସବଡିଭିଜନ ଦାବି ନେଇ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଅଶୋକ ସାହୁଙ୍କ ଆବାହକତ୍ୱରେ ଅୟୋଜିତ ବୈଠକରେ ତରଭା ବ୍ଲକ ଅଧ୍ୟକ୍ଷ ତଥା ସୋନପୁର ଜିଲ୍ଲା ବିଜେଡି ସଭାପତି ସରୋଜ କମ୍ପ, ସୋନପୁର ଜିଲ୍ଲା ବିଜେପି ଉପସଭାପତି ସନାତନ କର୍ମୀ, ତରଭା ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ମଧୁସୂଦନ ପାଣ୍ଡେ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ବୃକୋଦର ମେହେର, ବରିଷ୍ଠ ନାଗରିକ ଦେବେନ୍ଦ୍ର ବିଜୟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ପାଣିଗ୍ରାହୀ, ଜୟପ୍ରକାଶ ନାରାୟଣ ସାହୁ, ରାଜକିଶୋର ସାହୁ, ଅଶୋକ ସା, କାଉନସିଲର ଆକବର ଅଲ୍ଲୀ, ରାମକୃଷ୍ଣ ସାହୁ, ମହେଶ ରାଓ ଆଚାରି, ସାମ୍ବାଦିକ କପିଳାସ ସେଠ, ଅକ୍ଷୟ ବାଘ, ଡ. ରାଜେଶ ମେହେର ପ୍ରମୁଖ ଯୋଗ ଦେଇଥିଲେ । ତରଭାକୁ ଏକ ସବଡିଭିଜନରେ ପରିଣତ କରିବାର ଯଥାର୍ଥତା ଉପରେ ସମସ୍ତେ ଆଲୋକପାତ କରିଥିଲେ । ତରଭାକୁ ଏକ ସବଡିଭିଜନରେ ପରିଣତ କରିବାକୁ ୩୦ ବର୍ଷ ପୂର୍ବରୁ ଦାବି ହୋଇ ଆସୁଛି । ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଲଢ଼ିଲେ ଦାବି ହାସଲ ସୁଗମ ହେବ ବୋଲି ମତ ପ୍ରକାଶ ପାଇଥିଲା । ପୂର୍ବତନ ନଗରପାଳ ଶ୍ରୀ ସାହୁ ଅବିଭକ୍ତ ବଲାଙ୍ଗୀର ଜିଲ୍ଲାର ତରଭାକୁ ସବଡିଭିଜନ ମାନ୍ୟତା ଦାବିରେ ୧୯୯୨ ମସିହାରେ ଶତାଧିକ ଜନସାଧାରଣ ଏକ ସାଇକେଲ ଶୋଭାଯାତ୍ରାରେ ବଲାଙ୍ଗୀର ଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ପୁରୁଣା ସ୍ମୃତି ମନେ ପକାଇଥିଲେ । ସବଡିଭିଜନ ଦାବିକୁ ଜୋରଦାର କରିବା ପାଇଁ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ତରଭା ଏନଏସିର ଜନ ପ୍ରତିନିଧି, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ଓକିଲ ସଂଘ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଯୁବକ ଓ ଜନସାଧାରଣଙ୍କୁ ଏକଜୁଟ କରି ଦାବି ଉପସ୍ଥାପନ କରିବାକୁ ମତ ପ୍ରକାଶ ପାଇଥିଲା । ପରବର୍ତ୍ତୀ ବୈଠକ ମାର୍ଚ୍ଚ ପ୍ରଥମ ସପ୍ତାହରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।



## ଆଇନ୍ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ହାଇସ୍କୁଲରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମହିଳା ସୁରକ୍ଷା ଅଧିକାରୀ ସଂନ୍ତୋଷିନୀ ଭୋଇ, ପ୍ରଧାନ ଶିକ୍ଷକ ଅରବିନ୍ଦ ରଥ, ବରିଷ୍ଠ ଶିକ୍ଷୟିତ୍ରୀ ସଙ୍ଗୀତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ମାଝିପଡ଼ାରୁ ଗୁଡ଼ଭେଲିପଦର ରାସ୍ତା ନିର୍ମାଣ ଦାବି

**ଶଗଡ଼ା, ୨୦।୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା-ସିନ୍ଧିଗୋରା ୪୧ନଂ ରାଜ୍ୟ ରାଜପଥର ମାଝିପଡ଼ା ଛକରୁ ଗୁଡ଼ଭେଲିପଦର ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଉଦ୍ୟମ କରିବାକୁ ମାଝିପଡ଼ାବାସୀ ଦାବି ଜଣାଇଛନ୍ତି । ଏହି ରାସ୍ତା ଯୋଗୀନ୍ଦ୍ରପୁର ପଞ୍ଚାୟତ ସହ ଗୁଡ଼ଭେଲିପଦର ପଞ୍ଚାୟତ ସହିତ ସଂଯୋଗ କରୁଛି । ଏହି ରାସ୍ତା ଉପରେ ଏହି ଅଞ୍ଚଳର ମାଝିପଡ଼ା, କଲତାପାଲି, ପଦ୍ମତୋଳି, କୁର୍ତ୍ତିପାଲି, ଡଙ୍ଗାଝୋଳ, କର୍ମୀଗୋଠ, ଓଡ଼ିଆଗୋଠ ଆଦି ଗ୍ରାମର ଗ୍ରାମବାସୀ ସିଧାସଳଖ ପ୍ରତ୍ୟହ ନିର୍ଭର କରି ଚଳି ଆସୁଛନ୍ତି । ଖଟଖଟିଆ, ଦପଲା, ଘିକୁଣ୍ଡି ଆଦି ପଞ୍ଚାୟତର ଅଧିବାସୀମାନେ ମଧ୍ୟ ଯାତାୟାତ କରୁଛନ୍ତି । ଏହି ରାସ୍ତାଟି ସରକାରୀ



ଗୋଚର ଜମିରେ ରହିଥିବା ବେଳେ ଏହି ରାସ୍ତାର ଉନ୍ନତୀକରଣ ପାଇଁ ଉଭୟ ପଞ୍ଚାୟତର କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି । ରାସ୍ତାଟି ଏବେ ଏକ ଛୋଟ ପାଦ ଚଲା ରାସ୍ତାରେ ପରିଣତ ହେଲାଣି । ମୂଳରୁ ଏହି ରାସ୍ତାରେ ମାଟି ମୁଠାଏ ମଧ୍ୟ ପଡ଼ିନାହିଁ । ଲୋକେ କମ୍ ରାସ୍ତା ଅତିକ୍ରମ କରି ମାଝିପଡ଼ାରୁ ଗୁଡ଼ଭେଲିପଦରକୁ ଯିବା ପାଇଁ ଏହି ରାସ୍ତାରେ ଯାତାୟତ କରିଥାନ୍ତି । ମାଝିପଡ଼ା ଛକରୁ ଗୁଡ଼ଭେଲି ପଦର ଭାୟା ମନମୁଣ୍ଡା ଦେଇ ୧୧କିମି ରାସ୍ତା ଯିବାକୁ ପଡୁଛି; କିନ୍ତୁ ଏହି ରାସ୍ତାରେ ମାତ୍ର ୪କିମି ଯିବାକୁ ପଡ଼ିଥାଏ । ଏହି ରାସ୍ତାଟି ଖରା ଓ ଶୀତରେ ଯାତାୟତ ଯୋଗ୍ୟ ହୋଇଥିବା ବେଳେ ବର୍ଷା ଦିନେ ବାଲିଆ ମାଟି ଯୋଗୁଁ କାଦୁଅରେ ଆଣ୍ଠୁ ବୁଡ଼ିଯାଏ । ଫଳସ୍ୱରୂପ ବର୍ଷା ଦିନେ ଏହି ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିଥାଏ । ଅଞ୍ଚଳବାସୀଙ୍କ ଯାତାୟତ ସୁବିଧା ଦୃଷ୍ଟିରୁ ଏହି ରାସ୍ତାକୁ ସରକାରଙ୍କ ପ୍ରଧାନମନ୍ତ୍ରୀ ସଡ଼କ କିମ୍ବା ବିଜୁ ସଡ଼କ ଯୋଜନାରେ ସାମିଲ କରି ଏହାର ଉନ୍ନତୀକରଣ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି ଜଣାଇଛନ୍ତି । ଏହି ରାସ୍ତାଟି ଯୋଗୀନ୍ଦ୍ରପୁର ଓ ଗୁଡ଼ଭେଲିପଦର ପଞ୍ଚାୟତ ଅଧୀନରେ ରହିଛି । ଏଣୁ ରାସ୍ତା ନିର୍ମାଣରେ ଅସୁବିଧା ହେଉଛି । ଉଭୟ ପଞ୍ଚାୟତର ସରପଞ୍ଚ ମିଳିତ ହୋଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏହି ରାସ୍ତାଟିକୁ ହସ୍ତାନ୍ତର କଲେ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହୋଇ ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

### ଦୋଳପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

# ମେଳଣ ପଡ଼ିଆ ଭିତରେ ବାଣ ନ ଫୁଟାଇବାକୁ ଚେତାବନୀ

**ବୀରମହାରାଜପୁର, ୨୦।୨(ସମିସ)**

ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଦୋଳ ପୂର୍ଣ୍ଣିମା ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ । ମେଳଣ ପଡ଼ିଆ ଭିତରେ ବାଣ ଫୁଟାଇବାକୁ ଉପଜିଲ୍ଲାପାଳ କଡାକଡି ଭାବରେ ମନା କରିଥିଲେ । ଦେବ ବରଣ, ହରିହର ଭେଟର ସମୟ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା । ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଆସିଷ୍ଟାଣ୍ଟ ଜିଲ୍ଲାପାଳ ଶୁଭମ ଶତପଥି, ଅଜିତ ମିର୍ଦ୍ଧା, ବୀରମହାରାଜପୁର ଥାନା ଅଧିକାରୀ ସରଙ୍ଗଧର ପାଣିଗ୍ରାହୀ, ଚମ୍ପେଶ୍ୱର ଦୋଳ ଯାତ୍ରାର ସଭାପତି କିଶୋର ହୋତା, ରାମକୃଷ୍ଣ ହୋତା, ଭୂଷଣ ପାତ୍ରଙ୍କ ସମେତ ବିଭିନ୍ନ ମନ୍ଦିର କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ତେବେ ଏହିବର୍ଷ ଯେହେତୁ ଗ୍ରହଣ ଅଛି ତେଣୁ ଗୋଟେ ଦିନ ଆଗରୁ ଦେବ ବରଣ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଧାରିତ ହୋଇଛି । ହରିହର ମିଳନ ସକାଳ ୫ଟା ୩୦ରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ୬ଟି ପୂଜା କମିଟିର ୩୦ ଜଣ ଲେଖାଏଁ ସଦସ୍ୟ ଏବଂ ପୂଜକ ଓ ଚମ୍ପେଶ୍ୱର ପୂଜା କମିଟିର ୭୦ ଜଣଙ୍କୁ କର୍ଡନରେ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଯାତ୍ରାରେ ପାନୀୟ ଜଳର ବ୍ୟବସ୍ଥା, ମେଳଣ ପଡ଼ିଆକୁ ଯାଇଥିବା ରାସ୍ତାର ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା ଏବଂ ମେଳଣ ପଡ଼ିଆକୁ କିପରି ସଫାସୁତରା ରଖାଯାଇପାରିବ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଉପଜିଲ୍ଲାପାଳ କହିଛନ୍ତି । ଶେଷରେ ଉପଜିଲ୍ଲାପାଳ ଏବଂ ଉପସ୍ଥିତ ଅଧିକାରୀମାନେ ମେଳଣ ପଡ଼ିଆ ପରିଦର୍ଶନ କରିଛନ୍ତି । କମିଟି ସଦସ୍ୟଙ୍କ ସହଯୋଗରେ ଉଠା ଦୋକାନୀଙ୍କୁ ତାଗିଦ କରାଯିବା । ମଇଳା ପକେଇଲେ ଜରିମାନା ହେବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି । ତେବେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡିଓ ରାଜୀବ ହାଁସଦା, କିଶୋର ହୋତା, ଦାମୋଦର ହୋତା, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ରାଧା ଚରଣ ମେହେର, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସୂର୍ଯ୍ୟନାରାୟଣ ନନ୍ଦଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଥିବା ମେଳଣ ପଡ଼ିଆକୁ ସଫେଇ କରାଯାଇଛି ।

## ବିଶ୍ୱ ସାମାଜିକ ନ୍ୟାୟ ଦିବସ

**ବୀରମହାରାଜପୁର, ୨୦।୨(ସମିସ):** ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଉପ ସଭାପତି ଦିଲ୍ଲୀପ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର ଓ ସଦସ୍ୟ ନାରାୟଣ ପ୍ରସାଦ ନାୟକ ଯୋଗ ଦେଇଥିଲେ । ଜଗଦୀଶ ଚାନ୍ଦ ସ୍ୱାଗତ କରିଥିଲେ । ସମ୍ପାଦକ ଡ ଦ୍ୱିତୀକୃଷ୍ଣ ପଣ୍ଡା ଦିବସର ଉଦ୍ଦେଶ୍ୟ ଜ୍ଞାପନ ସହିତ ସଭା ସଂଯୋଜନା କରିଥିଲେ । ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ବଜେଟକୁ ନେଇ ପ୍ରତିକ୍ରିୟା



ଓଡ଼ିଶା ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ ରାଜ୍ୟର ସମଗ୍ର ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତୁତ ହୋଇଛି । କୃଷି, ମହିଳା ସଶକ୍ତିକରଣ, ଉଚ୍ଚ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗ୍ରାମୀଣ ଉନ୍ନତି ଓ ଯୁବମାନଙ୍କ ପାଇଁ ରୋଜଗାର ସୃଷ୍ଟିରେ ଏହି ବଜେଟ ସକାରାତ୍ମକ ପଦକ୍ଷେପ ବୋଲି କୁହାଯାଇପାରେ । ନୂତନ ଚାରିଗୋଟି ବିଶ୍ୱବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ସ୍ୱାଗତ ଯୋଗ୍ୟ ହୋଇଥିବା ବେଳେ ଆଉ ଅଧିକ ନୂତନ ମେଡିକାଲ୍ କଲେଜ ସ୍ଥାପନା ବ୍ୟବସ୍ଥା ନଥିବାରୁ ଅସନ୍ତୋଷ ପ୍ରକାଶ ଜାରି ରହିବ । ତଥାପି, ବଜେଟର ସଫଳତା ଘୋଷଣା ନୁହେଁ, ବରଂ ସଠିକ୍ ଓ ପାରଦର୍ଶୀ କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରିବ । ଯଦି ବଜେଟରେ ଥିବା ଯୋଜନାଗୁଡ଼ିକ ଠିକଣା ସମୟରେ ରୂପାୟନ ହୁଏ, ତେବେ ଏହା ଓଡ଼ିଶାର ଉନ୍ନତିକୁ ନୂଆ ଦିଗ ଦେବ ।

**ଡ଼ ଚିତ୍ତରଞ୍ଜନ ଖୁଣ୍ଟିଆ**
**ଅଧ୍ୟାପକ, ବାଣିଜ୍ୟ ବିଭାଗ,**
**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**



ଓଡ଼ିଶା ବଜେଟ୍ ୨୦୨୬-୨୭ ଏକ ବିକାଶମୂଳକ ବଜେଟ୍, ଯାହା ଗ୍ରାମୀଣ ଭିତ୍ତିଭୂମି, କୃଷି ଏବଂ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ବିକଶିତ ଓଡ଼ିଶା, କୃଷି ଓ କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ, ଶିଳ୍ପ ଓ ନିଯୁକ୍ତି, ସହରୀ ବିକାଶ ଏ ସବୁକୁ ଧ୍ୟାନରେ ରଖାଯାଇଛି । କିନ୍ତୁ କଳା ଓ ସାହିତ୍ୟ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ଏହା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଆମ ରାଜ୍ୟର ସାହିତ୍ୟ କ୍ଷେତ୍ରର ବିକାଶ ପାଇଁ ସରକାର ଦୃଷ୍ଟିଦେବା ନିହାତି ଜରୁରୀ ।ଜଣେ କବି ହିସାବରେ ଏତିକି କହିବି କଳା, ସାହିତ୍ୟର ଉନ୍ନତି ଦିଗରେ ସରକାରଙ୍କ ସହଯୋଗ ନିହାତି ଦରକାର, କାରଣ କଳା ସହିତ ସାହିତ୍ୟର ବିକାଶ ହିଁ ଓଡ଼ିଆ ଅସ୍ମିତା ଓ ଓଡ଼ିଆଙ୍କ ମୌଳିକତାକୁ ବଞ୍ଚାଇ ରଖିପାରିବ ।

**କବୟିତ୍ରୀ ଐଶ୍ୱର୍ଯ୍ୟା ପ୍ରଧାନ**
**ପୋଷ୍ଟାଲ କଲୋନୀ, ଭବାନୀପାଟଣା,**
**କଳାହାଣ୍ଡି**



ଓଡ଼ିଶା ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ବଜେଟରେ କୃଷିର ଆଧୁନିକୀକରଣ ତଥା ଡିଜିଟାଲ୍ ଫସଲ ସର୍ଭେ ଏବଂ ୧୦୦ଟି ମଡେଲ୍ ମଣ୍ଡି ସୃଷ୍ଟି ଚାଷୀର ବିପର୍ଯ୍ୟୟସ୍ଥିତିକୁ କି ପ୍ରକାର ଲାଭ ଦେବ ତାହା ଭିନ୍ନ କଥା । ଚାଷୀ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ସରକାର ଅଧିକ ଧ୍ୟାନ କେନ୍ଦ୍ରୀଭୂତ ହେବା ଦରକାର ।'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା'ଏବଂ 'ସମୃଦ୍ଧ ଅଙ୍ଗନୱାଡି ଯୋଜନା'ର ପ୍ରଚଳନ ମାନବ ବିକାଶ ସୂଚକାଙ୍କ, ବିଶେଷକରି ମହିଳା ଏବଂ ଶିଶୁମାନଙ୍କ ପାଇଁ ଉନ୍ନତ କରିବା ପାଇଁ ଏହା ଏକ ସରକାରଙ୍କ ସ୍ପଷ୍ଟ ପ୍ରତିବଦ୍ଧତା । ଆଞ୍ଚଳିକ ଅସନ୍ତୁଳନକୁ ବିଚାର କଲେ 'ସ୍ୱର୍ଣ୍ଣ ଚତୁର୍ଭୁଜ'(ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ) କ୍ଷେତ୍ରରେ ପ୍ରଚୁର ପୁଞ୍ଜିନିବେଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଶିଳ୍ପ ବିକାଶ ସଂଯୋଗକାରୀର ଚିନ୍ତା ନକରିବା ଦୁର୍ଭାଗ୍ୟଜନକ ।

**ବିକ୍ରମ କେଶରୀ ଭଞ୍ଜ, ଭବାନୀପାଟଣା**



ଓଡ଼ିଶାର ଆର୍ଥିକ ବର୍ଷ ୨୦୨୬-୨୭ ଫୋକସରେ ଗ୍ରାମୀଣ ବିକାଶ, ଭିତ୍ତିଭୂମି, ଗରିବ କଲ୍ୟାଣ ଓ ସାମାଜିକ ସୁରକ୍ଷାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି । ଗତ ବର୍ଷ ତୁଳନାରେ ଚଳିତ ବର୍ଷର ୩ ଲକ୍ଷ ୧୦ ହଜାର କୋଟିର ବଜେଟରେ ୬.୯% ବୃଦ୍ଧି ହୋଇଛି । ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବେ ୬ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀ । ଏମଏସ୍ଏମ୍ଇ ଓ ଶିଳ୍ପ ପାଇଁ ୧୯୭୦ କୋଟି ଟଙ୍କାର ବ୍ୟୟବରାଦ ବଜେଟରେ ରହିଛି ଯାହା କ୍ଷୁଦ୍ର, ଛୋଟ ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ଖୁସି କରିବ । ବାର୍ଷିକ ବଜେଟରେ ପର୍ଯ୍ୟଟନ ପାଇଁ ୫୦୦ କୋଟି ବ୍ୟୟ ବରାଦ ରହିଛି । ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କଳାହାଣ୍ଡିର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ଦିଗରେ ବଜେଟ୍‌ର କିଛି ଅଂଶ ରାଶି ଖର୍ଚ୍ଚ କରାଯାଇଥିଲେ ପର୍ଯ୍ୟଟକଙ୍କ ପାଇଁ ଏ ଜିଲ୍ଲା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତା ।

**ଆଶୁତୋଷ ପୁରୋହିତ, ସାହିତ୍ୟିକ,**
**ଭବାନୀପାଟଣା**

# ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି

## ବିଭାଗୀୟ ଅଧିକାରୀ ସଜାଗ ଓ ତତ୍ପର ରହିବା ପାଇଁ ନିର୍ଦ୍ଦେଶ

**ଭବାନୀପାଟଣା, ୨୦।୨(ସମିସ)**

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ କକ୍ଷରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କଳାହାଣ୍ଡିଙ୍କ ଦ୍ୱାରା ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ (ରାଜସ୍ୱ), ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଡିଏଫ୍ଓ ଆର କଲାଇ ବାନନ, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ। ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଲାଗି ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସୁଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳର ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ଲାଗି ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ତଥା ଆନୁସାଙ୍ଗିକ ବ୍ୟବସ୍ଥା ଓ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ତହସିଲ ଓ ସମ୍ପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକରେ ମାର୍ଚ୍ଚ ପ୍ରଥମ ସପ୍ତାହ ଠାରୁ କଣ୍ଟ୍ରୋଲ ରୁମ୍ ଖୋଲିବା ସହ ଅଭିଯୋଗ ରେଜିଷ୍ଟରରେ ଅଭିଯୋଗ ଗୁଡିକ ଲିପିବଦ୍ଧ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଚଳ ନଳକୂପ ତଥା ଅନ୍ୟାନ୍ୟ ଜଳ




ଉତ୍ସ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ସକ୍ରାନ୍ତୀୟ ସମସ୍ୟା ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଦେବା, ଅଂଶୁଘାତ ଜନିତ ମୃତ୍ୟୁର ୨୪ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ, ପଞ୍ଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସ୍ଷ୍ଟାଣ୍ଡମାନଙ୍କରେ ଜଳଛତ୍ର ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରମିକମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀମାନଙ୍କରେ ବିଶ୍ରାମସ୍ଥଳୀ ଓ ଯାତ୍ରୀବାହି ବସ୍ ତଥା ଅନ୍ୟାନ୍ୟ ଯାନବାହାନ ଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ସହିତ ଓଆରଏସ ପ୍ୟାକେଟ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଗ୍ରୀଷ୍ମ ସମୟରେ ଗୋରୁ, ଗାଇ ଇତ୍ୟାଦି ପ୍ରାଣୀ ସମ୍ପଦଙ୍କ ପିଇବା ପାଣିର ବ୍ୟବସ୍ଥା ତଥା ଔଷଧର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବିଶେଷ କରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍ପିଟାଲ ଗୁଡିକ ପାଇଁ ସୁନିଶ୍ଚିତ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଦିଗରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ନିଜ ଅଞ୍ଚଳରେ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଜଳଛତ୍ର ଖୋଲିବା ସହିତ ମାଇକ୍ ଯୋଗେ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା ।

# ଏସ୍‌ବିଆଇ ପକ୍ଷରୁ ଛାତ୍ରୀଙ୍କୁ ସାଇକଲ ପ୍ରଦାନ



**କଲମପୁର, ୨୦।୨ (ସମିସ):** ଭାରତୀୟ ଷ୍ଟେଟବ୍ୟାଙ୍କ କଲମପୁର ଶାଖା ପକ୍ଷରୁ ଛାତ୍ରୀମାନଙ୍କୁ ସାଇକଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲମପୁର ଶିଶୁ ବିଦ୍ୟା ମନ୍ଦିରରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଯେସିକା ପ୍ରଧାନୀ, ହିମାଦ୍ରି ମାଝୀ, ଶ୍ରେଜଲ ପଣ୍ଡା, ସାଗରିକା ନିଆଲ, ଅନୀତା ଗହିର, ଆରୋହୀ ମାଝୀ, ପ୍ରତିକ୍ଷା ବେହେରା, ସରିତା ନିମୁଲିଆ, କିରଣମୟୀ ଦୁର୍ଗା ଓ ରିତିକା ନାଏକ ନାମ୍ନୀ ଦଶଜଣ ଛାତ୍ରୀଙ୍କୁ ସାଇକଲ ପ୍ରଦାନ କରାଯାଇଛି ।କଲମପୁର ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଓ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସମେତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସିନାପାଲି, ୨୦।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ଓ ପରୀକ୍ଷଣ ଶିବିର ଆୟୋଜିତ ହୋଇ ଯାଇଛି । ଶିବିରରେ ଅଞ୍ଚଳର ୩୬ଜଣ ମାନସିକ ରୋଗୀ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଓ ଚିକିତ୍ସାଗତ ସହାୟତା ନେଇଥିବା ବେଳେ ୧୪ ଜଣକୁ ବିକଳାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।ଶିବିରରେ ଭୀମ ଭୋଇ ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଅନିଲ କୁମାର ନାୟକ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଉମାକାନ୍ତ ମେହେର, କମ୍ୟୁନିଟି ସୁପରଭାଇଜର କୁଶ ସାହୁ, କେଶ ୱାର୍କର ବିମଲ ପ୍ରସାଦ ଭାଟି ଉପସ୍ଥିତ ଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ର ଜୁନିଅର ଆସିଷ୍ଟାଣ୍ଟ ରାଜେନ୍ଦ୍ର ପ୍ରସାଦ ସାହୁ ଏବଂ ବ୍ଲକ ସାମାଜିକ ସୁରକ୍ଷା ବିଭାଗର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଦୁଷ୍ମନ୍ତ ନାଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିନାପାଲି ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀମାନ ସାହୁ, ବିପିଏମ ରତ୍ନାମଣୀ ଭୁଏ, ବିଏଏମ ଶୁଭ୍ରାଂଶୁ ଦଣ୍ଡସେନା, ଏମଟିଏସ ଦିବ୍ୟ ରଞ୍ଜନ ନାଏକ, ବିଡିଏମ ବୈଶମ୍ପାୟନ ମେହେର, ତଥା ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।



# ମାରାଗୁଡା ଲୋକ ମହୋତ୍ସବର ସ୍ମରଣିକା କମିଟିର ବୈଠକ



**ନୂଆପଡ଼ା, ୨୦।୨(ସମିସ):** ନୂଆପଡ଼ା ସ୍ଥିତ ସଦ୍ଭାବନା ସଭାଗୃହରେ ମାରାଗୁଡା ଲୋକ ମହୋତ୍ସବର ସ୍ମରଣିକା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ । ନୂଆପଡ଼ାର ସାହିତ୍ୟ, ସଂସ୍କୃତି, ଇତିହାସ, ଐତିହ୍ୟ ତଥା ପ୍ରଗତି ଉପରେ ଆଧାରିତ ଓଡ଼ିଆ, କୋସଲି, ହିନ୍ଦୀ ବା ସଂସ୍କୃତରେ ସ୍ୱରଚିତ ଲେଖା ସର୍ବାଧିକ ୨୫୦୦ ଶବ୍ଦରେ ଡିଟିପି କରି ପ୍ରବୋଧ ହୋତା (୯୬୭୮୨୦୭୨୪୯) କିମ୍ବା ରମେଶ ମହାରା (୯୧୭୮୮୦୪୦୧) ଆସନ୍ତା ମାର୍ଚ୍ଚ ୧୦ତାରିଖ ମଧ୍ୟରେ ହ୍ୱାଟ୍ସଆପ କରିବା ପାଇଁ ଆହ୍ୱାନ କରାଯାଉଛି । ଲେଖା ସମ୍ବନ୍ଧୀୟ ବିଚାର ପାଇଁ ସମ୍ପାଦନା ମଣ୍ଡଳୀର ନିଷ୍ପତ୍ତି ଚୂଡାନ୍ତ ହେବ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା, ମେଜର ରାମଚନ୍ଦ୍ର ମିଶ୍ର, ଫଣିନ୍ଦ୍ରମ ଦେଓ, ପ୍ରସନ୍ନ ପାଢ଼ୀ, ମୁରଲୀଧର ପଣ୍ଡା, ବାସୁଦେବ ସୁନାନୀ, ଲୋହିତାକ୍ଷ ଯୋଶୀ, ସାମୁଏଲ ଦାନୀ, ପ୍ରବୋଧ ହୋତା ଓ ସୁଶାନ୍ତ ବିଶି ପ୍ରମୁଖ ଉପସ୍ଥିତ ରହି ସବିଶେଷ ଆଲୋଚନା କରିଥିଲେ ।

# ଅଯୋଗ୍ୟ ପେନସନ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ନିର୍ଦ୍ଦେଶ

**ସିନାପାଲି, ୨୦।୨ (ସମିସ):** ନୂଆପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିନାପାଲି ବ୍ଲକରେ ଥିବା ଅଯୋଗ୍ୟ ପେନସନ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସିନାପାଲି ବ୍ଲକରେ ଅନେକ ଅଯୋଗ୍ୟ ପେନସନ ହିତାଧିକାରୀ ଜାଲିଆତି କରି ପେନସନ ହାତେଇ ଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ବର୍ତ୍ତମାନ ଜିଲ୍ଲା ପ୍ରଶାସନ ଅଯୋଗ୍ୟ ତଥା ଜାଲିଆତି ହିତାଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେଇଛନ୍ତି । ଏନେଇ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୧୯୫/୭.୨.୨୦୨୬ ଅନୁସାରେ ସିନାପାଲି ବିଡିଓଙ୍କୁ ସୂଚିତ କରାଯାଇଛି ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିନାପାଲି ବିଡିଓ କାର୍ମୀ ଓରାମ ପତ୍ର ସଂଖ୍ୟା ୪୪୭/୧୫.୨.୨୦୨୬ ଅନୁସାରେ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିବା ଜଣାପଡ଼ିଛି । ସମସ୍ତ ପେନସନଭୋଗୀଙ୍କ ଏକ ସ୍ୱତନ୍ତ୍ର ସର୍ଭେ କରିବା ପାଇଁ ନିର୍ଦ୍ଦେଶ ରହିଛି ।ସମସ୍ତ ଓଏପି ପେନସନଭୋଗୀଙ୍କ ଭୋଟର ଆଇଡି ଆପ୍/ପୋର୍ଟାଲ ମାଧ୍ୟମରେ ଅନଲାଇନ୍ ବୟସ ଯାଞ୍ଚ ସହିତ ଏହାର କ୍ରସ୍ - ଚେକ୍ କରାଯିବ । ତତ୍ସହିତ ଭିନ୍ନକ୍ଷମ ପେନସନଭୋଗୀଙ୍କ କ୍ଷେତ୍ରରେ ସେମାନଙ୍କ ମୂଳ ୟୁଡ଼ିଆଇଡି ପ୍ରମାଣ ପତ୍ର ଶାରୀରିକ ଭାବରେ ଦାଖଲ କରିବାକୁ ପଡ଼ିବ ।ଉକ୍ତ ବିଷୟକୁ ନେଇ ସମସ୍ତ ସରପଞ୍ଚମାନଙ୍କୁ ମଧ୍ୟ ସୂଚନା ଦିଆଯାଇଛି । ଜିଲ୍ଲାପ୍ରଶାସନର ଏଭଳି ପଦକ୍ଷେପ ଦ୍ୱାରା ଅଯୋଗ୍ୟ ପେନସନ ହିତାଧିକାରୀଙ୍କ ମୁଖା ଖୋଲିବ ବୋଲି ଅନୁମାନ କରାଯାଉଛି ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ କର୍ମଶାଳା

**ନୂଆପଡ଼ା, ୨୦।୨(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ମସାନକୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ନିକଟସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝିଟିକିରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମସାନକୁଣ୍ଡା ସାଧନ କର୍ମୀ ଦେଓଲାଲ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡ଼ିଏଭି କଲେଜ ଅଧ୍ୟକ୍ଷ ଡ଼. ଶିବ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଜିଲ୍ଲା ସାମ୍ବାଦିକ ସଂଘ(ଜାନ) ସଭାପତି ଘନଶ୍ୟାମ ଭୋଇ, ଲୋକଦୃଷ୍ଟି ସଂଯୋଜକ ଅଶ୍ୱିନୀ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ ପଣ୍ଡା ଝିଟିକୀ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୁଜ କୁମାର ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ମହାନ୍ତି ସରକାରଙ୍କ ତରଫରୁ କାର୍ଯ୍ୟାନ୍ୱୟନ ହେଉଥିବା ଯୋଜନା ଗୁଡିକୁ ଆନ୍ତରିକ୍ତର ସହ ଅନୁପାଳନ କରିବାକୁ ଉଦ୍‌ବୋଧନ ଦେଇଥିଲେ । ମସାନକୁଣ୍ଡା ସାଧନ କେନ୍ଦ୍ର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଏଫଏଲ୍ଏନ ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରୁ ଶିକ୍ଷଣ ସାମଗ୍ରୀ ଆଣି ପ୍ରଦର୍ଶନରେ ଉପସ୍ଥାପନ କରିଥିଲେ । ବିଚାରକ ଭାବେ କାଦୋମେରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୁବନ ବେହେରା, ଆମସେନା ବିଦ୍ୟାଳୟର ଶିକ୍ଷକ ଗୋପାଳ ଚନ୍ଦ୍ରକାର ବିଚାର କରି ପ୍ରଥମ ସ୍ଥାନ ଭାବେ ଝିଟିକୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମସାନକୁଣ୍ଡାକୁ ତୃତୀୟ ସ୍ଥାନ ଅଧିକୃତ କରି ପୁରସ୍କୃତ ହୋଇଥିଲେ । କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




# ପ୍ଲାଷ୍ଟିକମୁକ୍ତ ନୂଆପଡ଼ା ଗଠନ ପାଇଁ ଆହ୍ୱାନ





**ନୂଆପଡ଼ା, ୨୦।୨(ସମିସ)**

ନୂଆପଡ଼ା ଜିଲ୍ଲା ପ୍ରଶାସନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗିର ଶାଖାର ମିଳିତ ଆନୁକୂଲ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଗଠନ ଅଭିଯାନ ଅନ୍ତର୍ଗତ ରାହାଗିରି ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ଜନସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଶୁକ୍ରବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକତା ଛକ ପର୍ଯ୍ୟନ୍ତ ରାହାଗିରି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବନ ଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନ ଖଣ୍ଡ ଅଧିକାରୀ (ବନ୍ୟ ପ୍ରାଣୀ) ସମୀର ସାହୁ, ଆଞ୍ଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗିର, ବବିତା ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନିତା ଦାଶ, ସିଡିଏମଓ ଡ. ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ସୁର୍ମି ସୋରେନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ରାହାଗିରି ଲାଗି ଯୋଗ, ରଙ୍ଗୋଲି, ଦୌଡିଟଣା, ପୁଚି, ସ୍ଲୋ ସାଇକେଲ, ମେହେନ୍ଦୀ, ସ୍ଲୋଗାନ ଲେଖା, ଅନ୍ତାକ୍ଷରୀ ଇତ୍ୟାଦି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜନସାଧାରଣ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ନୂଆପଡ଼ା ବାସୀଙ୍କୁ ଆହ୍ୱାନ ଦେଇଥିଲେ ।କାର୍ଯ୍ୟକ୍ରମ ସୁପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି, ପରିମଳ ସଂଯୋଜକ ଅନିଲ କୁମାର ଲେଙ୍କା, ଏସିଏଫ ମହମ୍ମଦ ମୁସ୍ତାଫା ସାଲେହ, ଅଜୟ ସେସ, ନୂଆପଡ଼ା ଏନ୍ଏସି ଇଓ ସନ୍ଦୀପ କୁମାର ଚନ୍ଦ୍ରକାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଶାନ୍ତ ମାଝୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ । ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ରାହାଗିରିରେ ଅଂଶ ଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ଏବଂ ଅତିଥି ମାନେ ମାନପତ୍ର ତଥା ଟ୍ରଫି ଦେଇ ସମ୍ମାନିତ କରିଥିଲେ ।

# ମୂଷାନାଳ ମହାବୀର ୱାରିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଲାଞ୍ଜିଗଡ଼, ୨୦।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳ ହାଇସ୍କୁଲ ଖେଳପଡ଼ିଆରେ ମହାବୀର ୱାରୀୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜୋନ୍ ୨ଜିଲ୍ଲାପରିଷଦ ସଦସ୍ୟ ପରକ୍ଷିତ



ନାଏକ, ସମ୍ମାନିତି ଅତିଥି ଭାବେ ଲାଞ୍ଜି ପଞ୍ଚାୟତ ସରପଞ୍ଚ ଯମୁନା ମାଝୀ, ସମିତି ସଭ୍ୟ ବେଣୁଧର ବାଗ, ଯୁବ ସମ୍ବାଦିକ ଧର୍ମେନ୍ଦ୍ର ପଣ୍ଡା, ଜଗତ ପାତ୍ର, ସମାଜସେବୀ ମନିଷ ସାହୁ, ପବିତ୍ର ବାଗ, ମନୀଷ ମିଶ୍ର ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍ କୁମଖାଲ ଓ ବନ୍ଦପାରି ମଧ୍ୟରେ ହୋଇଥିଲା । କୁମଖାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୧୪୯. କରିଥିଲା । ଜବାବରେ ବନ୍ଦପାରି ୧୨ ଓଭରରେ ୭ ୱିକେଟ ହରାଇ ୧୫୦, କରି ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ, ମାଳିଯୁବାଙ୍ଗ ଓ ମେଲଘୁଟୁ ୱାରୀୟର ମଧ୍ୟରେ ହୋଇଥିଲା ବେଳେ ମାଳିଯୁବାଙ୍ଗ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ହରାଇ ୧୨୩ ରନ କରିଥିଲା । ଜବାବରେ ମେଲଘୁଟୁ ୱାରିୟର ୧୨ ଓଭରରେ ସମସ୍ତ ୱିକେଟ ହରାଇ ୯୪, ରନ କରି ମାଳିଯୁବାଙ୍ଗ ମେଲଘୁଟୁ ୱାରୀୟର, ଠାରୁ ୨୯ ରନରେ ବିଜୟ ହାସଲ କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ନିରଞ୍ଜନ ଦୋରା ଉବୁଜଲାଲ ହରିଜନ ସାମ୍ବ୍ରା ମାଝୀ ଦାୟିତ୍ୱ ତୁଲାଉଥିବା ବେଳେ କୁମଖାଲ ରାଜାକୁ ମ୍ୟାନ ଅଫଦ ମ୍ୟାଚ୍ ପୁରସ୍କୃତ କରାଯାଇଥିଲା ।ଅମ୍ପିୟାର ଭାବେ ରାଜେଶ ନାୟକ, ଓ ଶୁଭମ ଦାସ ରହିଥିବା ବେଳେ ସଞ୍ଜୟ ପାତ୍ର ଓ ବୀରେନ୍ଦ୍ର ପୂଜାରୀ ଧାରା ବିବରଣୀ ପ୍ରଦାନ କରିଥିଲେ । ମୂଷାନାଳ ମହାବୀର ୱାରୀୟରର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

